ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.263 Bhubaneswar Thursday December 08 2022 ୨୫ତମ ବର୍ଷ ସଂଖ୍ୟା–୨୬୩ ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୦୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ପଦ୍ମପୁର ପୋଷ୍ଟମର୍ଟମ: ସଂଗଠନ ସମ୍ପାଦକଙ୍କୁ ଡାକିଲେନି, ନବୀନଙ୍କୁ ଭେଟିଲେ ଜୋନ୍ ଓ ଜିପି ଇନଚାର୍ଜ

ଭୁବନେଶ୍ୱର,୭।୧୨(ପି.ଏନ): ପଦ୍ମପୁର ଉପନିର୍ବାଚନର ଫଳାଫଳ ଆସନ୍ତାକାଲି ଆସିବା ପୂର୍ବରୁ ଆଜି ନବୀନ ନିବାସରେ ନିର୍ବାଚନ ଦାୟିତ୍ୱରେ ଥିବା ନେତାମାନଙ୍କୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ଉପନିର୍ବାଚନ ପାଇଁ ପଦ୍ମପୁର ନିର୍ବାଚନମଣ୍ଡଳୀର ସମସ୍ତ ଜିଲ୍ଲା ପରିଷଦ ଜୋନ୍ ଓ ପଂଚାୟତ ଦାୟିତ୍ୱରେ ଥିବା ଦଳୀୟ ନେତାମାନେ ଆଜି ବିଜେଡି ସୁପ୍ରିମୋଙ୍କୁ ଭେଟିଥିଲେ ମଧ୍ୟ ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଛି ।ମିଳିଥିବା ସୂଚନା ଅନୁସାରେ, ଆସନ୍ତାକାଲି ପଦ୍ମପୁର ଉପନିର୍ବାଚନ ପାଇଁ ଭୋଟଗଣତି ଓ ଫଳାଫଳ ଘୋଷଣା ପୂର୍ବରୁ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କ ନିର୍ବାଚନ ପ୍ରଚାର ଦାୟିତ୍ୱରେ ଥିବା ଦଳୀୟ ନେତାମାନଙ୍କୁ ନବୀନ ନିବାସ ଆସିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷକରି ପଦ୍ମପୁର ନିର୍ବାଚନମଣ୍ଡଳୀର ୩ଟି ବ୍ଲକର ସମସ୍ତ ୫୮ଟି ପଂଚାୟତ ଓ ୧୧ଟି ୱାର୍ଡ ଦାୟିତ୍ୱରେ ଥିବା ବିଜେଡି ନେତାମାନେ ଆଜି ନିଜର ଜୋନ୍ ଇନଚାର୍ଜମାନଙ୍କ ସହ ଆସି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହି ସାକ୍ଷାତ ସମୟରେ ପଦ୍ମପୁର ଉପନିର୍ବାଚନର କୌଣସି ପୋଷ୍ଟମର୍ଟମ ହୋଇନଥିଲା । କେବଳ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ଫଟୋ ଉଠା ସେସନ୍ କରାଯାଇଥିଲା । ପଦେ ଦୁଇପଦ କଥାରେ ସମସ୍ତ ନେତାଙ୍କୁ ଫେରିବାକୁ ପଡିଥିଲା । ପଦ୍ମପୁର ଉପନିର୍ବାଚନକୁ ନେଇ ସେଭଳି କୌଣସି ବିଚାରବିମର୍ଶ ଅବା ଆଲୋଚନା ହୋଇନଥିଲା । ବିଜେଡି କର୍ମୀ ଓ ନେତାଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ପଦ୍ମପୁର ନିର୍ବାଚନ ଦାୟିତ୍ୱରେ ଥିବା ନେତାମାନଙ୍କୁ ନବୀନ ନିବାସରେ ନବୀନଙ୍କୁ ଭେଟଘାଟ କରାଇବାର ବ୍ୟବସ୍ଥା ହୋଇଥିବା ଜଣାପଡିଛି ।ଅନ୍ୟପକ୍ଷରେ ଆଜି ନବୀନ ନିବାସରେ ଦଳୀୟ ନେତାମାନଙ୍କୁ ଦେଖିବାକୁ ମିଳିଥିଲେ ମଧ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଅନୁପସ୍ଥିତ ରହିଥିଲେ । ଅବଶ୍ୟ ଗତ କିଛିବର୍ଷ ଧରି ଦଳର ସମସ୍ତ କାର୍ଯ୍ୟରେ ପ୍ରଣବପ୍ରକାଶ ଓରଫ ବବିଙ୍କୁ ଦେଖିବାକୁ ମିଳିଥାଏ । ସଂଗଠନ କାର୍ଯ୍ୟରେ ବବିଙ୍କ ମାତ୍ରାଧିକ ହସ୍ତକ୍ଷେପ, ପ୍ରିୟାପ୍ରୀତି ତୋଷଣ ଓ ମାମଲାତି ଯୋଗୁ ଦଳ ଭିତରେ ବୃଦ୍ଧି ପାଉଥିବା ଅସନ୍ତୋଷକୁ ପ୍ରଶମିତ କରିବା ନିମନ୍ତେ ଏଭଳି ବ୍ୟବସ୍ଥା ହୋଇଥିବା ଚର୍ଚ୍ଚା ।ତେବେ ଆଜି ନବୀନ ନିବାସରେ ବବିଙ୍କ ବ୍ୟତୀତ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ, ନବ କିଶୋର ଦାସ, ସୁଶାନ୍ତ ସିଂ, ରୀତା ସାହୁ ଓ ଶ୍ରୀମୟୀ ମିଶ୍ର ପ୍ରମୁଖ ମଧ୍ୟ ଅନୁପସ୍ଥିତ ଥିଲେ । ଏହି ନେତାମାନଙ୍କୁ ପଦ୍ମପୁର ନିର୍ବାଚନ ଫଳାଫଳ ଆସିବା ପରେ ହିଁ ନବୀନ ନିବାସ ଡକାଯାଇ ଫଳାଫଳର ପୋଷ୍ଟମର୍ଟମ କରାଯିବ ବୋଲି ଜଣାପଡିଛି ।ସୂଚନାଯୋଗ୍ୟ, ଆସନ୍ତାକାଲି ୧୪ଟି ଟେବୁଲରେ ୨୩ ରାଉଣ୍ଡରେ ଏହି ଭୋଟ ଗଣତି କରାଯିବ ବୋଲି ଆଜି ନିର୍ବାଚନ ଅଧକାରୀ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କୁ ସାକ୍ଷାତ କଲେ ମିଲିଣ୍ଡା ଗେଟସ

ଲକ୍ଷ୍ନୌ, ୭।୧୨(ପି.ଏନ): ବୁଧବାର ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିଲ ଗେଟ୍ସ ଫାଉଣ୍ଡେସନର ସହ-ଚେୟାରମ୍ୟାନ ମିଲିଣ୍ଡ ଗେଟ୍ସଙ୍କୁ ଭେଟିଛନ୍ତି । ଏହି ବୈଠକ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା । ମିଲିଣ୍ଡା ମୁଖ୍ୟମନ୍ତ୍ରୀଙ୍କ ସହ ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସେ କହିଛନ୍ତି ଯେ, ଉତରପ୍ରଦେଶ କେବଳ ଦେଶ ପାଇଁ ନୁହେଁ ସମଗ୍ର ବିଶ୍ୱ ପାଇଁ ଏକ ମଡ଼େଲ ହୋଇପାରିବ ।ଗେଟ୍ସ ଫାଉଣ୍ଡେସନର କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ଯୋଗୀ ପ୍ରଶଂସା କରିଥିଲେ । ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଏବଂ ମୁଖ୍ୟ ଶାସନ ସଚିବ ଦୁର୍ଗାଶଙ୍କର ମିଶ୍ର ଓ ସରକାରଙ୍କ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

୧୦ ଓ ୧୧ ରେ ଦକ୍ଷିଣ ଓଡିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୭।୧୨(ପି.ଏନ): ଦକ୍ଷିଣ-ପୂର୍ବ ପାର୍ଶ୍ୱବର୍ତୀ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ ସୃଷ୍ଟ ଗଭୀର ଅବପାତ ସକ୍ରିୟ ରହିଛି । ଏହା ଧିରେ ଧିରେ ଘନୀଭୂତ ହେଉଛି ଏବଂ ଆଜି ସନ୍ଧ୍ୟା ସୁଦ୍ଧା ବାତ୍ୟା ର ରୂପନେବା ସମ୍ଭାବନା ରହିଛି । ଓଡିଶା ଉପରେ ସିଧାସଳଖ ପ୍ରଭାବ ନଥିଲେ ବି, ବାହ୍ୟବଳୟ ସହ ଜଡିତ ମେଘ ସମୂହ ପ୍ରଭାବରେ ଆସନ୍ତା ୧୦ ଏବଂ ୧୧ ତାରିଖରେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି ।

ପଦ୍ମପୁର ଉପନିର୍ବାଚନ :ଗଣତି ପୂର୍ବରୁ ଇଭିଏମ୍ ରେ ଅଦଳବଦଳ ଅଭିଯୋଗ

ଭୁବନେଶ୍ୱର, ୭।୧୨(ପି.ଏନ): ଗୁରୁବାର ଦିନ ପଦ୍ମପୁର ଉପନିର୍ବାଚନର ଫଳାଫଳ ବାହାରିବ। ଏହା ପୂର୍ବରୁ ବଡ଼ଧରଣର ଇଭିଏମ ଅଦଳବଦଳ ହୋଇଥିବା ଅଭିଯୋଗ ଆଣିଛି ବିଜେପି। ବିଜେପି ବିଧାୟକ ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏହି ଅଭିଯୋଗ ଆଣିଛନ୍ତି। ବୁଧବାର ଦିନ ସେ ବରଗଡ଼ ଜିଲ୍ଲାପାଳ ମନୀଷା ବାନାର୍ଜୀଙ୍କୁ ଭେଟି ଇଭିଏମ୍ ରେ ଅଦଳବଦଳ ନେଇ ଅଭିଯୋଗ କରିବା ସହ ଘଟଣାର ଅନୁସନ୍ଧାନ ଦାବି କରିଛନ୍ତି। ନିର୍ବାଚନ ପରେ ୧୭ (ସି)ରେ ବିଜେପିକୁ ମିଳିଥିବା ଇଭିଏମ ଲିଷ୍ଟ ଏବଂ ଇଲେକ୍ସନ କମିଶନ ତରଫରୁ ଦିଆ ଯାଇଥିବା ତାଲିକା ମେଳ ଖାଉ ନଥିବା ସେ ଅଭିଯୋଗ ଆଣିଛନ୍ତି।ଶ୍ରୀ ପୁରୋହିତ କହିଛନ୍ତି ୧୧ଟି ବୁଥରେ ଇଭିଏମ ନମ୍ବର ତାଳମେଳ ଖାଉ ନାହିଁ। ଯେଉଁ ବୁଥଗୁଡ଼ିକରେ ବିଜେପିର ସ୍ଥିତି ଭଲ ଅଛି ସେହି ବୁଥ୍ ଗୁଡ଼ିକରେ ଏମିତି ସମସ୍ୟା ରହିଛି। ତେବେ ଅଭିଯୋଗର ତଦନ୍ତ ହେଉଥିବା ଜିଲ୍ଲାପାଳ ଶ୍ରୀମତି ବାନାର୍ଜୀ କହିଛନ୍ତି। ଏହି ବୁଥଗୁଡ଼ିକର ସମସ୍ତ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସରମାନଙ୍କୁ ଜିଲ୍ଲାପାଳ ତୁରନ୍ତ ଡକାଇଛନ୍ତି।ସୂଚନାଯୋଗ୍ୟ, ଗତ ୫ ତାରିଖରେ ପଦ୍ମପୁର ଉପନିର୍ବାଚନ ପାଇଁ ମତଦାନ ହୋଇଥିଲା। ଏଥର ୮୧.୨୯% ମତଦାନ ହୋଇଛି, ଯାହାକି ନିର୍ବାଚନମଣ୍ଡଳୀ ପାଇଁ ଏକ ସର୍ବକାଳୀନ ରେକର୍ଡ।

କାଲି ପଦମପୁର ରେଜଲ୍ଟ :୨୩ ରାଉଣ୍ଡରେ ହେବ ଭୋଟ୍ ଗଣତି

ଭୁବନେଶ୍ୱର,୭।୧୨(ପି.ଏନ): ପଦମପୁର ଉପନିର୍ବାଚନ ପାଇଁ ଆସନ୍ତାକାଲି (ଗୁରୁବାର) ଭୋଟ୍ ଗଣତି ହେବ। ଗୁରୁବାର ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହେବ। ଏସମ୍ପର୍କରେ ସୂଚନା ଦେଇ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନି କହିଛନ୍ତି ଯେ ପଦମପୁରରେ ମୋଟ ୨୩ ରାଉଣ୍ଡରେ ଭୋଟ ଗଣତି ହେବ। ଆରଏମସି ଗୋଦାମରେ ହୋଇଥିବା ଗଣତି କେନ୍ଦ୍ରରେ ପ୍ରଥମେ ପୋଷ୍ଟାଲ ବାଲାଟ ଭୋଟ ଗଣତି ହେବ । ସକାଳ ୮ଟା ୩୦ରେ ଇଭିଏମ ଗଣତି ଆରମ୍ଭ ହେବ। ୩୧୯ଟି ବୁଥର ଭୋଟ ଗଣତି ୧୪ଟି ଟେବୁଲରେ କରାଯିବାକୁ ଥିବାବେଳେ ବୁଥ ଓ ପ୍ରାର୍ଥୀ ସଂଖ୍ୟା ଅଧିକ ଥିବାରୁ ୨୩ ରାଉଣ୍ଡ ଗଣତି ହେବ।

ଦୋକନ ଘର ନିକଟରୁ ମିଳିଲା ୫ ବୋମା

ରାୟଗଡା,୭।୧୨(ପି.ଏନ): ଦୋକନ ଘର ନିକଟରୁ ମିଳିଲା ୫ ବୋମା(ଜିଲୋଟିନ୍)। ରାୟଗଡା ଜିଲ୍ଲା କାଶୀପୁର ଥାନା ଅନ୍ତର୍ଗତ ସୁଙ୍ଗେରୁ ଗାଁର ଟୁଟୁ କିରାଣିଙ୍କ ଦୋକାନ ନିକଟରୁ ଏହି ବୋମା ମିଳିଛି। ବୋମା ସହ ବିସ୍ଫୋରକ ମଧ୍ୟ ମିଳିଛି।ଏଠାରେ ବୋମା ରହିଥିବା ଖବର ପାଇ ବୋମା ନିଷ୍କ୍ରିୟକାରୀ ଦଳ ସହିତ ରାୟଗଡ଼ା ଏସପି ବିବେକାନନ୍ଦ ଶର୍ମା ଓ ସିଆରପିଏଫ୍ ଯବାନ ପହଞ୍ଚିଥିଲେ। ବୋମୋ ନିଷ୍କ୍ରିୟକାରୀ ଦଳ ବିସ୍ଫୋରକକୁ ନିଷ୍କ୍ରିୟ କରିଥିଲେ। ସେଠାକୁ ବିସ୍ଫୋରକ କେମିତି ଆସିଲା ତଦନ୍ତ ଚାଲୁ ରହିଥିବା ନେଇ ଏସପି ସୂଚନା ଦେଉଛନ୍ତି।ଏବେ ନକ୍ସଲ ସଂଗଠନ ପି.ଏଲ.ଜି.ଏ ସପ୍ତାହ ପାଳନ କରୁଛନ୍ତି। ଶୁଙ୍ଗେରୁ ଗାଁ ମାଓବାଦୀ ପ୍ରଭାବିତ ଅଞ୍ଚଳ ଭିତରେ ଆସୁଛି। ତେଣୁ ସମଗ୍ର ଅଞ୍ଚଳରେ ପୁଲିସ ପକ୍ଷରୁ ସତର୍କ ନଜର ରଖାଯାଇଛି। ବୋମା ଓ ବିସ୍ଫୋରକ ମିଳିବା ପରେ ଏଥିରେ ମାଓବାଦୀଙ୍କ ସମ୍ପୃକ୍ତି ନେଇ ସନ୍ଦେହ କରାଯାଉଛି। ପୁଲିସ ଓ ସିଆରପିଏଫ୍ ଏହାର ତଦନ୍ତ ଆରମ୍ଭ କରିଛି। ଦୋକାନୀଙ୍କୁ ଏ ବାବଦରେ ପଚରାଉଚରା ମଧ୍ୟ କରାଯାଉଛି।

ଜାମ୍ମୁ-କାଶ୍ମୀରରେ ୩.୦ ତୀବ୍ରତାର ଭୂମିକମ୍ପ

ଜମ୍ମୁ, ୭।୧୨(ପି.ଏନ): ଜମ୍ମୁ-କାଶ୍ମୀର ରେ ବୁଧବାର ସକାଳେ ଭୂମିକମ୍ପର ଝଟକା ଅନୁଭୂତ ହୋଇଥିଲା । ସକାଳେ ୯.୧୫ ସମୟରେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୦ ଥିଲା ।

ନୂଆବର୍ଷରୁ ନୂଆ ନିୟମ; ନୀଳକନ୍ଦରକୁ ସ୍ମାର୍ଟ ଫୋନ୍ ମନା



ପୁରୀ,୭।୧୨(ପି.ଏନ): ନୂଆବର୍ଷରୁ ହେବ ନୂଆ ନିୟମ। ନୂଆବର୍ଷ ପହିଲାରୁ ଶ୍ରୀମନ୍ଦିର ଭିତରେ ସ୍ମାର୍ଟ ଫୋନ୍ ବ୍ୟବହାର ନିଷିଦ୍ଧ ହେବ। ଶ୍ରୀମନ୍ଦିର ଅଧିକାରୀ, କର୍ମଚାରୀଙ୍କ ସମେତ ପ୍ରଶାସନିକ କର୍ମଚାରୀ ଉପରେ ଏହି ନିଷେଦ୍ଧାଦେଶ ବଳବତ୍ତର କରାଯିବ। ଆସନ୍ତା ଜାନୁଆରୀ ୧ରୁ ଏହି କଟକଣା ଲାଗୁ କରାଯିବା ନେଇ ଆଜି ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ଭିତର ଫଟୋ ବାରମ୍ବାର ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଆଜି ଛତିଶା ନିଯୋଗ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। କେବଳ ଜରୁରୀ ନୀତି ନିର୍ଘଣ୍ଟ ସୂଚନା ଦେବା ପାଇଁ ଶ୍ରୀମନ୍ଦିର କମାଣ୍ଡର ସ୍ମାର୍ଟ ଫୋନ୍ ବ୍ୟବହାର କରି ପାରିବେ। ଅନ୍ୟାନ୍ୟ ପ୍ରାଧିକୃତ ଶ୍ରୀମନ୍ଦିର ଅଧିକାରୀ ଓ ସେବାୟତମାନେ ସାଧାରଣ କିପ୍ୟାଡ ଥିବା ମୋବାଇଲ ବ୍ୟବହାର କରି ପାରିବେ। ପୂର୍ବରୁ ଭକ୍ତମାନେ ଶ୍ରୀମନ୍ଦିରକୁ ମୋବାଇଲ ନେବା ଉପରେ ସମ୍ପୂର୍ଣ୍ଣ ନିଷିଦ୍ଧ ରହିବ।ଆଜି ଛତିଶା ନିଯୋଗ ବୈଠକରେ ଏନେଇ ବିଚାର ବିମର୍ଶ କରାଯିବା ପରେ ଏଭଳି କଟକଣା ନେଇ ସହମତି ପ୍ରକାଶ ପାଇଛି। ଆସନ୍ତା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି କଟକଣାକୁ ଅନୁମୋଦନ କରାଯିବ।ସେହିପରି ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ହେବାକୁ ଥିବା ପହିଲି ଭୋଗ ନୀତି ନିର୍ଘଣ୍ଟକୁ ଆଜି ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ଆସନ୍ତା ୧୬ ତାରିଖରୁ ଜାନୁଆରୀ ୧୩ ପର୍ଯ୍ୟନ୍ତ ହେବାକୁ ଥିବା ପହିଲି ଭୋଗ ନୀତିରେ ରାତ୍ର ୨ଟାରୁ ଦ୍ୱାର ଫିଟା କରାଯାଇ ୬ଟା ସୁଦ୍ଧା ପହିଲି ଭୋଗ ନୀତି ସମ୍ପାଦନା ହେବ। ଏହାଛଡା ଆସନ୍ତା ଜାନୁଆରୀ ୬ ତାରିଖ ପୌଷ ପୂର୍ଣ୍ଣିମା ତିଥିରେ ମହାପ୍ରଭୁଙ୍କ ଅନୁଷ୍ଠିତ ହେବାକୁ ଥିବା ଦେବାଭିଷେକ ନୀତି ନୀର୍ଘଣ୍ଟ ମଧ୍ୟ ଅନୁମୋଦିତ ହୋଇଛି।ସେହିପରି ସେବାୟତଙ୍କ ଜମିଜମା ସଂପର୍କିତ ସମସ୍ୟା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲ୍ଲାପାଳ ସମର୍ଥ ବର୍ମା, ଏସପି କନୱର ବିଶାଳ ସିଂ, ପରିଚାଳନା କମିଟି ସଦସ୍ୟ, ଛତିଶା ନିଯୋଗର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ କହିଛନ୍ତି, ଆଜି ଦୁଇଟି ବୈଠକ ହୋଇଥିଲା। ଗୋଟିଏ ଛତିଶା ନିଯୋଗ ବୈଠକ ଓ ଅନ୍ୟଟି ନୀତି ସବ୍?କମିଟି ବୈଠକ। ସେବାୟତ ହୁଅନ୍ତୁ ଅବା ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଆସନ୍ତା ନୂଆବର୍ଷ ଠାରୁ କେହିବି ଶ୍ରୀମନ୍ଦିର ଭିତରକୁ ସ୍ମାର୍ଟ ନେବା ତଥା ବ୍ୟବହାର ଉପରେ ନିଷିଦ୍ଧାଦେଶ ଜାରି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ଦିନେ ନେହରୁଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ! ଏବେ ଲୁପ୍ତପ୍ରାୟ 'ହାବସପୁରୀ' ଶାଢ଼ୀ

ଭବାନୀପାଟଣା,୭।୧୨(ପି.ଏନ): ଦିନେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା କଳାହାଣ୍ଡିର ଜିଲ୍ଲା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା 'ହାବସପୁରୀ' କପଡା ! ହେଲେ ସେହି କପଡା ସମୟ ସହିତ ତାଳ ଦେଇ ଚାଲି ପାରିଲା ନାହିଁ। ପ୍ରୋତ୍ସାହନ ଅଭାବରୁ ତାହା ଲୋପ୍? ପାଇବାକୁ ବସିଛି। ଏବେ କିନ୍ତୁ କ'ଣ ପାଇଁ 'ହାବସପୁରୀ' ବସ୍ତ୍ର ଲୁପ୍ତ ହେବାକୁ ବସିଛି, ତା' ଉପରେ ରିସର୍ଚ୍ଚ କରାଯାଉଛି। ଅନ୍ୟପକ୍ଷରେ 'ହାବସପୁରୀ' କପଡାର ଚମକ ଫେରାଇ ଆଣିବା ପାଇଁ ସହଯୋଗର ହାତ ବ?ଇଛି କଳାହାଣ୍ଡି ବିଶ୍ୱବିଦ୍ୟାଳୟ। 'ହାବସପୁରୀ' କପଡାକୁ ପିଲାମାନଙ୍କ ୟୁନିଫର୍ମ ଭାବେ ବ୍ୟବହାର କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ହାବସପୁରୀ ଶବ୍ଦଟି ଆସିଲା କେଉଁଠୁ? ହାବସପୁରୀକୁ ଖୋଜିବାକୁ ହେଲେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକକୁ ଯିବାକୁ ପଡିଛି। ଏଠି ହାବସପୁର ବୋଲି ଗୋଟିଏ ଗାଁ ରହିଛି। ସେହି ଗାଁରେ ବାସ କରନ୍ତି ଭୁଲିଆ ବା ମେହେର ସମ୍ପ୍ରଦାୟର ଲୋକେ। ସେମାନେ କଳାହାଣ୍ଡି ଜିଲ୍ଲାର କଳା, ସଂସ୍କୃତି ଓ ଐତିହ୍ୟକୁ ବସ୍ତ୍ରରେ ଚିତ୍ରିତ କରିଥିଲେ। ଆଉ ତା'ର ନାଁ ରଖିଥିଲେ 'ହାବସପୁରୀ'। ବାସ୍? ସେଇଠୁ ଆରମ୍ଭ ହୋଇଥିଲା 'ହାବସପୁରୀ' ବସ୍ତ୍ରର ଯାତ୍ରା। ସେତେବେଳେ ଏହି ବସ୍ତ୍ରର ଚାହିଦା ବେଶ୍? ଭଲ ଥିଲେ। ଲୋକଙ୍କ ମୁହଁରେ 'ହାବସପୁରୀ' ଶାଢ଼ୀର ଗାଥା ମଧ୍ୟ ଥିଲା ।ହେଲେ ସମୟ ସହିତ ତାଳ ଦେଇ ଚାଲି ପାରିଲା ନାହିଁ 'ହାବସପୁରୀ' କପଡା ଓ ଶାଢ଼ୀ। ଧୀରେ ଧୀରେ ଲୋପ୍? ପାଇବାକୁ ବସିଲା। ନାନା ଅସୁବିଧା ସତ୍ତ୍ୱେ ହାତ ଗଣତି କେତେକ ବୁଣାକାର 'ହାବସପୁରୀ' ଶାଢ଼ୀକୁ ବଞ୍ଚାଇ ରଖିଛନ୍ତି। 'ହାବସପୁରୀ' ଶାଢୀର ପରିଚୟ ହେଉଛି, 'ମାଛ'। 'ହାବସପୁରୀ' ବସ୍ତ୍ରର ମଝିରେ ଓ ଧଡିରେ ମାଛ ଚିହ୍ନର ପ୍ରିଣ୍ଟ ରଡିଛି। ଏଥିସହ କଳାହାଣ୍ଡି ଜିଲ୍ଲାର ଆଦିବାସୀଙ୍କ ବିଭିନ୍ନ କଳାକୃତିକୁ ମଧ୍ୟ ସ୍ଥାନୀତ ଦିଆଯାଇଛି। ୧୯୫୧ ମସିହାରେ 'ହାବସପୁରୀ' ଶାଢ଼ୀ ଦିଲ୍ଲୀର ପ୍ରଦର୍ଶନୀ ପଡ଼ିଆରେ ଭାଗ ନେଇ ବେଶ୍? ଆଦୃତ ହୋଇଥିଲା। ସେହି ସମୟରେ ଥିବା ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ 'ହାବସପୁରୀ ଶାଢ଼ୀ'କୁ ଦେଖି ବିମୋହିତ ହୋଇଥିଲେ ବୋଲି କୁହାଯାଏ।ଲୋପ୍? ପାଇଯିବାକୁ ବସିଥିବା 'ହାବସପୁରୀ' କପଡାର ଚମକ ଫେରାଇ ଆଣିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି।

ଭୂମିହିନଙ୍କୁ ଜମି ଓ ଘର ଶିଘ୍ର ଯୋଗଉ ଜିଲ୍ଲା ପ୍ରଶାସନ

ବଲାଙ୍ଗିର,୭।୧୨(ପି.ଏନ): ମହାରାଣୀ ସାଗର, ଲକ୍ଷ୍ମୀଜୋର, ଟ୍ରକ ଟର୍ମିନାଲ, ରିଂ ରୋଡ, ବାଏପାସ୍ ଓ ଗନ୍ଧେଲ ଡ୍ୟାମ ସୌନ୍ଦର୍ଯ୍ୟକରଣ ଭଳି ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ଆସି ପଡି ରହିଥିଲେ ହେଁ କେତେ ପ୍ରକଳ୍ପ ଆରମ୍ଭ ହୋଇ ନାହିଁ, ଯାହା କିଛି ଆରମ୍ଭ ହୋଇଛି ସେଥିରେ ସ୍ଥାନୀୟ ବିଜେଡି ରାଜନେତାମାନଙ୍କ ଚକ୍ରନ୍ତ ତଥା ଷଡଯନ୍ତ୍ର ଯୋଗୁଁ ତାହ ମଧ୍ୟ ମନ୍ଥର ଗତିରେ ଚାଲିଛି । ଯୋଉଁ ରାଜପରିବାର ପୁର୍ବରୁ ଏଠାରେ ମନ୍ତ୍ରୀ ବିଧାୟକ ସାଂସଦ ଥିଲେ, ୨୦୧୪ ପରବର୍ତି ବଲାଙ୍ଗିର ବିକାଶ ଦେଖି ସେମାନେ ସହ୍ୟ କରି ପାରୁ ନାହାନ୍ତି । ଯଦି ବଲାଙ୍ଗିରର ଆହୁରି ବିକାଶ ହୁଏ ତେବେ, କାଳେ ଲୋକେ ତାଙ୍କୁ ଘୃଣା କରିବେ ତାହା ଭାବି ସେମାନେ ବର୍ତମାନ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ବାଟ ଓଗାଳୁଛନ୍ତି । ଏଭଳି ବିକାଶବିରୋଧି ନେତାଙ୍କୁ ବଲାଙ୍ଗିରବାସୀ ଆଗାମୀ ଦିନରେ ଉଚିତ ଜବାବ ଦେବେ ବୋଲି ଆଜି ସ୍ଥାନୀୟ ସର୍କିଟହାଉସ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ତାଙ୍କ ପ୍ରସ୍ତାବିତ ପ୍ରକଳ୍ପ

ଟି ଟାଇମ୍

ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ । ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ । ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି । କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ । ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ । ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ । ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ । ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି । ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି । ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ । ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି । ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି । ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି ।

୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର । ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍ । କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ । ସୁନାରେ ପ୍ରସ୍ତୁତ ଚକୋଲେଟ୍ । ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ

। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

ପୁରାଣ କାହାଣୀ

ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର

ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ । ଏଭଳି ପରିସ୍ଥିତିରେ କାର୍ତ୍ତବିୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ । ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ । ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ । ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଜିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଦକ ରଖିଥାନ୍ତି । ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି । ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ । ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି । ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ

ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି । ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି । କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ । କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି । ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି । ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି ।

ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି । ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ

ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି । ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି । ମାମଲାଟି ୨୦୧୨ ମସିହାର । ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା । ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ । ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ । ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ । ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ । ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି । ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା । ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ । ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି ।

ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି । ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି । ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି ।

ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି । ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି । ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା । ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି । ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି । ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ପୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରୀ ସାବ୍ୟସ୍ତ ହୋଇପାରେ । ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ । ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ

ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି । ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ । ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ । ଯାହା ସାଧାରଣତଃ ହାନିକାରକ ନୁହ

ଓଡ଼ିଆର ଚିନ୍ତାଶକ୍ତି ସୀମିତ କାହିଁକି ?

ଶରତ କୁମାର ରାଉତ

କିଛିବର୍ଷ ତଳୁ ଆମ ରାଜ୍ୟରେ ପିଆଜ, ଆଳୁ, ଟମାଟୋ ସମେତ ସବୁ ପନିପରିବା, ଫଳ, ମାଛ, ମାଂସ, ଅଣ୍ଡା ଆଦିର ମୂଲ୍ୟ ଅହେତୁକ ବୃଦ୍ଧି ଯୋଗୁ ସାଧାରଣରେ ଭାଳେଣୀ ପଡ଼ିଛି । ଏହାର କାରଣ ଯାହାହେଉନା କାହିଁକି, ଆମେ ଏତିକି ନିଶ୍ଚୟ କହିପାରିବା ଯେ, ଓଡ଼ିଆଙ୍କ ଭାଗ୍ୟରେ ପଚା ପରିବା, ପଚାଫଳ, ପଚାମାଛ, ପଚାଅଣ୍ଡା ଛଡ଼ା ସଜ ଜିନିଷ ଖାଇବାର ଯୋଗ ନାହିଁ । ପ୍ରତିଦିନ ସକାଳେ ସୁଦୂର ଆନ୍ଧ୍ର ଓ ଅନ୍ୟାନ୍ୟ ରାଜ୍ୟରୁ ବରଫଦିଆ ମାଛ, ପନିପରିବା ଓ ଫଳ ବୋଝେଇ ଶହଶହ ଟ୍ରକ୍ ରାଜ୍ୟର ବିଭିନ୍ନ ସହରକୁ ଆସୁଛି । ଦିନେ ପନିପରିବା ସୁଅରେ ଭାସୁଥିଲା ଓଡ଼ିଶା । କୃଷକ ପରିବାର ନିଜ ବାଡ଼ି ଓ ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଥିଲା । ବର୍ଷସାରା ନିଜ ଉତ୍ପାଦିତ ଆଳୁ, ପିଆଜ, ରସୁଣ, ବିରି, ମୁଗ,

ଅଦା, କଖାରୁ, ଶାଗ, ଭେଣ୍ଡି, ବାଇଗଣ, ଟମାଟୋ, ଜହ୍ନି, ଲାଉ, କାକୁଡ଼ି, ପୋଇ, ଲଙ୍କା, ନଡ଼ିଆ, କଦଳୀ ଆଦି ନିଜେ ଖାଇ ବଳକା ପଡ଼ୋଶୀଙ୍କୁ ବାଣ୍ଟୁଥିଲା ଓ ପାଖ ହାଟ ବଜାରରେ ବିକ୍ରି କରୁଥିଲା । ସେହିପରି ପ୍ରତି ପରିବାର ନିଜ ପୋଖରୀରୁ ମାଛ ଉତ୍ପାଦନ କରି ମନଖୁସିରେ ଖାଉଥିଲା ଓ ପଡ଼ୋଶୀମାନଙ୍କୁ ବାଂଟୁଥିଲା । କିନ୍ତୁ ଆଜି ସବୁ ପରିବର୍ତ୍ତନ । ଚାଷୀ ସଂଖ୍ୟା ଢେର୍ କମିଯାଇଛି । ଚାଷ ପ୍ରତି ଆଉ କାହାରି ଆନ୍ତରିକତା ନାହିଁ । ନିଜ ବୃତ୍ତି ଉପରେ ଭରସା ହରାଇବା ପରେ ଅଧିକ ରୋଜଗାର ଆଶାରେ ଅଧିକାଂଶ ଚାଷୀ ନିଜ ଚାଷଜମି ପଡ଼ିଆ ପକାଇ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି କିମ୍ବା ଅନ୍ୟ ବୃତ୍ତିରେ ପ୍ରବେଶ କରିଛନ୍ତି । ଗାଁରେ ଆଉ ଆଗ ଭଳି ଚାଷବାସ ନାହିଁ । ପରିବା ଚାଷ ଆଦୌ ନାହିଁ । ଗାଁର ପୋଖରୀ ସବୁ ପୋତି ହୋଇ ଗଲାଣି ବା ଦଳଭର୍ତ୍ତି ହୋଇ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି । ବାହାରେ ଭଲ ରୋଜଗାର ହେଉଥିବାରୁ ଲୋକମାନେ ଗାଁ ମାଟି ମାଡୁନାହାଁନ୍ତି । କେବେ ଥରେ ଅଧେ ଆସି ଘର ପରିବାର କଥା ବୁଝି ଚାଲି ଯାଉଛନ୍ତି । ସହଜେ ସରକାରଙ୍କ ପାଖରୁ ଟଙ୍କାଟାରେ ଚାଉଳ, ୫ଟଙ୍କାରେ ଖାଇବାକୁ ଓ ଆଉ କିଛି ଜିନିଷ ମାଗଣାରେ ମିଳୁଛି । ସେମାନେ ଆଉ ଚିନ୍ତା କରିବେ କାହିଁକି ?

ବାସ୍ତବତା ହେଲା, ସରକାର ଚାଷୀମାନଙ୍କ ପାଇଁ ସେମିତି କିଛି ଚିନ୍ତା କରିନାହାଁନ୍ତି କି ସେମାନଙ୍କ ଭଲ-ମନ୍ଦରେ ପାଖରେ ଛିଡ଼ା ହୋଇ ନାହାଁନ୍ତି । ମାଛଚାଷୀ ହୁଅନ୍ତୁ କି ଫଳ-ପରିବା, ମୁଗ, ବିରି ଚାଷୀ, ଆମ ସରକାର ସେମାନଙ୍କୁ ଆଖିଦୃଶିଆ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି କି ? ବିଭିନ୍ନ ଚାଷର ଉନ୍ନତି ପାଇଁ କିଛି ସ୍ୱତନ୍ତ୍ର ନୀତି ଅଛି କି ? ଯେଉଁମାନେ କୃଷି ଉତ୍ପାଦନରେ ନିୟୋଜିତ ଥିଲେ, ସରକାର ସେମାନଙ୍କ ଉନ୍ନତି ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା କରି ନଥିବାରୁ ହିଁ ସେମାନେ ନିଜ ପେଷା ଛାଡ଼ି ବାହାରେ ଭଲ ରୋଜଗାରରେ ଅଛନ୍ତି । ଆଜି ଅବସ୍ଥା ଏପରି ହୋଇଛି ଯେ, ସାମାନ୍ୟ ପିଆଜ, ଆଳୁ ଆଦି ପରିବାପତ୍ର ପାଇଁ ଲୋକେ କାନ୍ଦୁଛନ୍ତି । ଗରିବ ପରିବାରର ଲୋକମାନେ ପଖାଳରେ ପିଆଜ ଓ ଲଙ୍କା ଲଗେଇ ଖାଇନିଅନ୍ତି । ହେଲେ ଏସବୁ ଆଜି ସେମାନଙ୍କ ପାଇଁ ସାତ ସପନ । ଗାଁର ବୁଢା ଲୋକେ କହୁଛନ୍ତି, ଏଭଳି ଦିନ ଆସିବ ବୋଲି ଆମେ ଆମର ପିଲାଦିନେ ଭାବି ନଥିଲୁ । ମାଛର ପେଣ୍ଡୁ ବୋଲି କୁହାଯାଉଥିବା ବାଲୁଗାଁ, ରମ୍ପା, କାଳୁପଡ଼ା ଘାଟ, ତନ୍ତିଆପାଳ, ଜଗରିଜୋର, ଜମ୍ବୁ, ଖରିନାଶି, ବାବର, ପାରାଦୀପ ଭଳି ସମୁଦ୍ର ଉପକୂଳବର୍ତ୍ତୀ ଅଂଚଳର ମାଛ ବଜାରରେ ମଧ୍ୟ ଆନ୍ଧ୍ର ମାଛ ବିକ୍ରି ହେଉଛି । ଏହି ଅଭାବନୀୟ ଦୃଶ୍ୟ ସମସ୍ତଙ୍କୁ ଚକିତ କରୁଛି । ନିଜ ବାଡ଼ିରେ ଯେଉଁ ଜିନିଷ ମିଳୁଥିଲା, ସେସବୁ ଆଜି ଲୋକେ ଦେଖିବାକୁ ପାଉନାହାଁନ୍ତି । ଏହାକୁ ଓଡ଼ିଶାର ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯାଇପାରିବ ?

୧୯୫୨ରେ ଗ୍ରାମ୍ୟଗୋଷ୍ଠୀ ଉନ୍ନୟନ ଯୋଜନା ସାରା ଭାରତରେ କାର୍ଯ୍ୟକାରୀ ହୋଇଥିଲା । ଗାଁଗହଳରେ ମାଛ ଚାଷ, କୁକୁଡ଼ା ଚାଷ, ଗୋପାଳନ ଓ ଫଳ ଚାଷ ପାଇଁ ବ୍ଲକ୍ କାର୍ଯ୍ୟାଳୟମାନଙ୍କରେ ସଂପ୍ରସାରଣ ଅଧିକାରୀ ମାନେ ନିଯୁକ୍ତି ପାଇଲେ । ସରକାର ମଧ୍ୟ ପ୍ରୋତ୍ସାହନ ପାଇଁ ସବ୍‌ସିଡ଼ି ଦେଲେ । ମାତ୍ର ଆମ ରାଜ୍ୟର ହାକିମ ଓ ଲୋକମାନେ ଭାବିଲେ, ଏତେ କଷ୍ଟ କରିବା ଅପେକ୍ଷା କାଗଜପତ୍ରରେ କାମ ଦେଖାଇ ସବ୍‌ସିଡ଼ି ଚଳୁ କରିଦେବା ବରଂ ଭଲ ହେବ ! ସେହି ଅନୁସାରେ ମିଛ ପୋଖରୀ, ମିଛ ମାଛ ଓ କାଗଜପତ୍ରରେ କୁକୁଡ଼ା ଫାର୍ମ ହେଲା, ଗଛ ନଥାଇ ଆମ୍ବ ବଗିଚା ହେଲା, କ୍ଷୀର ଉତ୍ପାଦନ ମଧ୍ୟ କାଗଜପତ୍ରରେ ଦେଖାଇ ଦିଆଗଲା ଇତ୍ୟାଦି । ପ୍ରୋତ୍ସାହନ ଅର୍ଥକୁ ନେତା, ଅଧିକାରୀ ଓ ହିତାଧିକାରୀ ବାଂଟି ଖାଇଲେ । ଏହି ପରମ୍ପରା ଏବେ ମଧ୍ୟ ଆମ ରାଜ୍ୟରେ ଜାରି ରହିଛି । ମାତ୍ର ଆନ୍ଧ୍ର ପ୍ରଦେଶ ଭଳି ଅନ୍ୟାନ୍ୟ କେତେକ ରାଜ୍ୟରେ ଘଟଣା ଅନ୍ୟ ଦିଗରେ ଗତି କଲା । ସୁଯୋଗକୁ ହାତଛଡ଼ା ନକରି ସେମାନେ ନିଜ ରାଜ୍ୟରେ ସତ ମାଛ ପୋଖରୀ, ଆମ୍ବ ବଗିଚା, କଦଳୀ ବଗିଚା, କୁକୁଡ଼ା ଓ ଗାଈ ଫାର୍ମ ଆଦି ସୃଷ୍ଟି କଲେ । ସଠିକ୍ ଭାବେ ଉତ୍ପାଦନ ମଧ୍ୟ ହେଲା । ବଜାର ପାଇଁ ଓଡ଼ିଶା ଭଳି ଏକ ଅକର୍ମା ରାଜ୍ୟ ମିଳିଗଲା । ସେଥିପାଇଁ ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଆମ ରାଜ୍ୟ ଆଜି ପିଆଜ, ଆଳୁ, ଡ଼ାଲି, ମାଛ, ଅଣ୍ଡା, କାଗଜିଲେମ୍ବୁ, କଦଳୀ, ଆମ୍ବ ଆଦି ଫଳ ପାଇଁ ଆନ୍ଧ୍ର ଓ ଅନ୍ୟାନ୍ୟ ରାଜ୍ୟ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ । ସେଠାକାର ସରକାର, ନେତା ଓ ଅଧିକାରୀମାନଙ୍କ ଆନ୍ତରିକତା ଓ ରାଜ୍ୟର ବିକାଶ ପାଇଁ ଦୃଢ ମାନସିକତା ହିଁ ଆନ୍ଧ୍ର ଓ ଅନ୍ୟାନ୍ୟ ରାଜ୍ୟର ଉନ୍ନତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । କିନ୍ତୁ ଆମ ରାଜ୍ୟର ଦୁର୍ନୀତିଗ୍ରସ୍ତ ନେତା ଓ ଅପାରଗ ଅଧିକାରୀମାନଙ୍କ ଯୋଗୁ ଓଡ଼ିଶାର ଏହି ଅବସ୍ଥା ! କିଏ ଏଥିପାଇଁ ଦାୟୀ ?...

ଆମ ରାଜ୍ୟରେ ଏସବୁ ଚାଷର ଉନ୍ନତି ପାଇଁ ଆମ ସରକାର ଏବେ ବି ପଦକ୍ଷେପ ନେଉଛନ୍ତି ଓ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି । ହେଲେ ସେସବୁ କେବଳ ଖାତାପତ୍ରରେ ସୀମିତ ରହି ଯୋଜନା ସଫଳ ବୋଲି ଦର୍ଶାଯାଉଛି । ଖାଲି ମିଛ... ମିଛ... ତାହା ମିଛ ! ଅତୀତରେ ଓଡ଼ିଆମାନେ ସାଧୁ, ନମ୍ର, ସରଳ ଓ ଅତିଥିପରାୟଣ ଥିଲେ । ବିଭିନ୍ନ ଧର୍ମଗ୍ରନ୍ଥରୁ ନିଜ ଜୀବନର ଦିଗ୍‌ଦର୍ଶନ ପାଉଥିଲେ । ଅନ୍ୟର ଅର୍ଥକୁ ଆତ୍ମସାତ୍ କରିବା ପାପ ବୋଲି

ମନେକରୁଥିଲେ । କାହାକୁ ଜାଣିଶୁଣି ହଇରାଣ କରିବା ବା କାହାକୁ ଆର୍ଥିକ ଶୋଷଣ କରିବା ନର୍କଗାମୀ ବୋଲି ଭାବୁଥିଲେ । ଅନ୍ୟର ଦୟା ଓ ଭିକ୍ଷା ଉପରେ ଏମାନେ ନିର୍ଭର କରୁ ନ ଥିଲେ । କିନ୍ତୁ ଆଜି ଛୋଟରୁ ବଡ଼ ସମସ୍ତଙ୍କ ମୁଣ୍ଡରେ ବହୁ ଧନ-ସଂପତ୍ତିର ଅଧିକାରୀ ହେବା ମତଲବ୍ ଭରି ରହିଛି । ବହୁ ଅଧିକ ପାଠ ପଢିଥିବା ବଡ଼ ଅଫିସର୍ ବି ସବୁଠୁ ବଡ଼ ଠକ ଓ ଦୁର୍ନୀତିଗ୍ରସ୍ତ ପାଲଟି ଯାଇଛନ୍ତି । କେହି କାହାଠୁ ଊଣା ନୁହଁନ୍ତି । କୌଣସିପ୍ରକାରେ ଲୋକଙ୍କୁ ହଇରାଣ କରି ବା ବଦ୍‌ନାମ କରି ଶୋଷଣ କରିବା ଅଭ୍ୟାସରେ ପରିଣତ ହୋଇଗଲାଣି । ରାଜ୍ୟର ପ୍ରାୟ ଅଧିକାଂଶ ସରକାରୀ ଅଫିସ୍‌ରେ ମଧ୍ୟ ଏଇ ଅବସ୍ଥା !

ଅତୀତରେ ଓଡ଼ିଆ ଏପରି ନଥିଲା । ଏବେ ଓଡ଼ିଆ ଜାତି ଚରିତ୍ରର ପରିବର୍ତ୍ତନ ହୋଇଯାଇଛି । କ୍ରମେ ନୈତିକତାର ସମସ୍ତ ମାପଦଣ୍ଡ ସମସ୍ତେ ଭୁଲି ଚାଲିଛନ୍ତି । ରାଜ୍ୟରେ ଠକାମୀ ଓ ଆତ୍ମସାତ୍ ନୀତି ବୃଦ୍ଧି ପାଉଛି । ଅନ୍ୟକୁ ହଇରାଣ କରିବା ସମସ୍ତଙ୍କର ସ୍ୱଭାବ ହୋଇଗଲାଣି । ଅନ୍ୟର ଟଙ୍କାରେ ଅୟସ କରିବା ଏକ ପରମ୍ପରାରେ ପରିଣତ ହେଲାଣି । ରାଜନୈତିକ ଶୂନ୍ୟତା ଏହାକୁ ପ୍ରୋତ୍ସାହନ ଦେଉଛି । ସବୁଦିନ ଠକେଇ ଓ କେଳେଙ୍କାରୀର ପର୍ଦ୍ଦାଫାସ୍ ହେଉଛି । ବିଭିନ୍ନ ଉନ୍ନୟନ ଯୋଜନାରେ ଦୁର୍ନୀତି, ଚିଟ୍‌ଫଣ୍ଡ, ଜମି, ଘର, ବଂଟନ ସାମଗ୍ରୀ ବାଟମାରଣା ଆଦିରେ ରାଜ୍ୟ ଭରିଗଲାଣି । ଅଧିକାଂଶ ମନ୍ତ୍ରୀ, ନେତା, ଅଫିସର, କର୍ମଚାରୀ, ଠିକାଦାର, ତଥାକଥିତ ସମାଜସେବୀ ଆୟ ବର୍ହିଭୂତ ଧନ ଠୁଳ କରିଛନ୍ତି । ସମାଜକୁ ବାନ୍ଧି ରଖିଥିବା ବିଶ୍ୱାସର ବନ୍ଧନ ଆଜି ତୁଟି ଖଣ୍ଡଖଣ୍ଡ ହୋଇଗଲାଣି । ଆଉ କେହି କାହାକୁ ବିଶ୍ୱାସ କରୁନାହାଁନ୍ତି । ସାମାଜିକ ପ୍ରତିବନ୍ଧତା ଉଭେଇ ଯାଇଛି । "ପ୍ରାଣ ଯାଉ ବଚନ ରହୁ" ଯୁଗର ଅନ୍ତ ଘଟିଛି । କାହାଠାରେ ସାଧୁତା ଦେଖାଯାଉନାହିଁ । ସମସ୍ତେ ନିଜ ସ୍ୱାର୍ଥ ପାଇଁ ଆଖିବୁଜି ଯାହା ବି କରିପାରୁଛନ୍ତି । ଗରିବ ଓ ଅସହାୟମାନଙ୍କ କଥା ଚିନ୍ତା କରିବାକୁ ସମୟ ନାହିଁ କି ହୃଦୟ ନାହିଁ । ସ୍ୱାଧୀନତା ପରଠାରୁ ସରକାରରେ ରହିଥିବା କୌଣସି ରାଜନୈତିକ ଦଳ ଏଥିପ୍ରତି ଦୃଷ୍ଟି ଦେଇନାହାଁନ୍ତି । ତେବେ ରାଜ୍ୟର ବିକାଶ ଓ ତୃଣମୂଳ ସ୍ତରରେ ଲୋକମାନଙ୍କର ଆର୍ଥିକ ଉନ୍ନତି ହେବ କିପରି ? ଏ ସଂପର୍କରେ ମଧ୍ୟ କେହି ଭାବୁନାହାନ୍ତି । ଆଉ ରାଜ୍ୟର ଅବସ୍ଥା ଯାହା ହେବା କଥା ତାହା ହେଉଛି । ପଚାମାଛ, ଫଳ ଓ ପରିବା ଚଢା ଦରରେ କିଣି ଖାଇବା କିମ୍ବା କିଣି ନପାରି କେବଳ ଟଙ୍କାକିଆ ଚାଉଳର ଭାତ ଖାଇ ଦିନ ବିତାଇବା ଆମ କପାଳଲିଖନ ! ଏଭଳି କେତେଦିନ ଚାଲିବ ? ସତରେ କ'ଣ ଓଡ଼ିଶାର ନେତା ଓ ଅଧିକାରୀମାନଙ୍କର ଚିନ୍ତାଶକ୍ତି ସୀମିତ ? ଏହାକୁ ଓଡ଼ିଆଙ୍କର ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯାଇପାରିବ ?...

-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

ବସ୍ତି ବିକାଶର ମିଛ ପ୍ରଚାର ଚାଲିଛି, ବାସ୍ତବ ଚିତ୍ର କିନ୍ତୁ ଭିନ୍ନ

ରାଉରକେଲା (ପିଏନ୍): ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ଓ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ସମସ୍ତେ ବସ୍ତି ବିକାଶର ଡିଣ୍ଡିମ ପଟୁଛନ୍ତି । କିନ୍ତୁ ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ବସ୍ତି ଅଞ୍ଚଳର ଚିତ୍ର କିଛି ଭିନ୍ନ ବୋଲି ପ୍ରାକ୍ତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭ୍ୟ ବିରେନ ସେନାପତି ପ୍ରକାଶ କରିଛନ୍ତି । ଶ୍ରୀ ସେନାପତି ତାଙ୍କ ୱାର୍ଡ ପରିକ୍ରମା କାର୍ଯ୍ୟକ୍ରମ ଅବସରରେ ୧୦ ନମ୍ବର ୱାର୍ଡର ତେଲି ବସ୍ତି, ପାଠକ ବସ୍ତି ଓ ଖଟ୍ଟାଳ ବସ୍ତି ଅଞ୍ଚଳର ବୁଲି ସେଗୁଡିକର ବିଭିନ୍ନ ମୌଳିକ ସମସ୍ୟା ସବୁ ଦେଖିବା ସହିତ ବସ୍ତିବାସିନ୍ଦାଙ୍କ ସହ ଏ ସମ୍ପର୍କରେ ସିଧାସଳକ ଆଲୋଚନା କରିଥିଲେ । ତେଲି ବସ୍ତିରେ ଥିବା ନାଳିରୁ ମଇଳା ଜଳ ନିଷ୍କାଷିତ ହୋଇପାରୁ ନଥିବା ବେଳେ ସାମାନ୍ୟ ବର୍ଷା ହେଲେ ବସ୍ତି ଭିତରକୁ ପାଣି ପଶୁଛି ବୋଲି ବାସିନ୍ଦାମାନେ ପ୍ରକାଶ କରିଥିଲେ । ପାଠକ ବସ୍ତିରେ ନାଳି ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଥିବା ବେଳେ ଯେଉଁ ସ୍ଥାନରେ ନାଳି ନିର୍ମାଣ ହୋଇଛି ତାହା ନିୟମିତ ବ୍ୟବଧାନରେ ସଫେଇ ହେଉନଥିବା ବସ୍ତିବାସୀ ଅଭିଯୋଗ କରିଥିଲେ । ଧିରମନ୍ଥର ଗତିରେ ଚାଲିଥିବା ନାଳିଗୁଡିକର ନିର୍ମାଣ ଯୋଗୁଁ ବସ୍ତିର ଛୋଟ ଛୋଟ ପିଲାମାନେ ଏହି ନାଳିରେ ପଡି କ୍ଷତାକ୍ତ ହେଉଥିବା ଜାଣିବାକୁ ପାଇଥିଲେ । ସେହିପରି ଖଟ୍ଟାଳ ବସ୍ତିରେ ନାଳି ନର୍ଦ୍ଦମାରେ ପରିପୂର୍ଣ୍ଣ ହୋଇଥିବା ବେଳେ ଏଗୁଡିକର ସଫେଇ ହେଉନଥିବା ଏବଂ କଚା ନାଳିକୁ ପକ୍କା କରାଯାଉନଥିବା ଇତ୍ୟାଦି ସମସ୍ୟା ଗୁଡିକୁ ବସ୍ତିବାସୀମାନେ ଅବଗତ କରାଇଥିଲେ । ଏହି ବସ୍ତି ପାର୍ଶ୍ୱରେ ଥିବା ଶୌଚାଳୟର ଉପଯୁକ୍ତ ମରାମତି ଅଭାବରୁ କବାଟଗୁଡିକ କଳଙ୍କି ଲାଗି ନଷ୍ଟ ହୋଇଯାଇଥିବା ଦେଖିବାକୁ ପାଇଥିଲେ । ଶୌଚାଳୟର ଉପଯୁକ୍ତ ପରିଚାଳନା ଓ ରକ୍ଷଣାବେକ୍ଷଣ ହେଉନଥିବା ନେଇ ବସ୍ତିବାସୀ ପ୍ରକାଶ କରିଥିବା ବେଳେ ଏହାର ଚତୁଃପାର୍ଶ୍ୱରେ ପ୍ରଚୁର ଅଳିଆ ଆବର୍ଜନା ଜମି ରହି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ବସ୍ତିବାସୀ ଅଭିଯୋଗ କରିଥିଲେ । ତେଣୁ ବସ୍ତିଗୁଡିକରେ ଆବଶ୍ୟକୀୟ ନାଳି ନିର୍ମାଣ ଓ ଶୌଚାଳୟର ଚତୁଃପାର୍ଶ୍ୱରେ ସଫେଇ ତଥା କଂକ୍ରିଟ୍ ଚକଡା ନିର୍ମାଣ ପାଇଁ ମତ ରଖିଥିଲେ । ଏହି ବସ୍ତି ମଧ୍ୟଦେଇ ସ୍ୱେରେଜ୍ ବୋର୍ଡର ପାଇପ୍ ଲାଇନ୍ ଯାଇଥିଲେହେଁ ଅଦ୍ୟାବଧି ସେ ରାସ୍ତାର ପୁନଃ ନିର୍ମାଣ କରାଯାଉନାହିଁ । ଅନୁରୂପ ଭାବେ ପାଠକ ବସ୍ତିରେ ଜନସ୍ୱାସ୍ଥ୍ୟ ବିଭାଗର ଦୁଇ ଦୁଇଟି ପାଇପ୍ ଲାଇନ୍ ଯାଇଥିଲେହେଁ ବସ୍ତିବାସୀଙ୍କୁ ଆବଶ୍ୟକୀୟ ପାନୀୟ ଜଳ ମିଳୁନାହିଁ । ବସ୍ତିର ଆଭ୍ୟନ୍ତରୀଣ ଅଞ୍ଚଳରେ ରାସ୍ତା ଆଲୋକ ନଥିବା ବେଳେ ଉକ୍ତ ରାସ୍ତାରେ ଥିବା ଅଧିକାଂଶ ବତୀଖୁଣ୍ଟରେ ବତୀ ଜଳୁନଥିବା ବାସିନ୍ଦାମାନେ ପ୍ରକାଶ କରିଥିଲେ । ଖଟ୍ଟାଳ ବସ୍ତିକୁ ମଧ୍ୟ ଆବଶ୍ୟକୀୟ ପାଇପ୍ ଜଳ ଯୋଗାଣ ନିୟମିତ ଭାବେ ହେଉନଥିବା କେତେକ ଅଧିବାସୀ ଅଭିଯୋଗ କରିଥିଲେ । ଏହି ବସ୍ତି ପାର୍ଶ୍ୱରେ ଥିବା ବଡ ପଡିଆଟି ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ଥିବାରୁ ଏହାକୁ ସଫାସୁତୁରା କରି ପିଲାମାନଙ୍କ ଖେଳ ଉପଯୋଗୀ କରିବାକୁ ଏହି ଅବସରରେ ବାସିନ୍ଦାମାନେ ମତ ରଖିଥିଲେ । ଏସବୁ ସମସ୍ୟାଗୁଡିକ ବାବଦରେ କଂଗ୍ରେସ ପ୍ରତିନିଧିମାନେ ଅବଗତ ହୋଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଏହାର ନିରାକରଣ ଦିଗରେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ସେନାପତିଙ୍କ ସହିତ ଏହି ପରିକ୍ରମା କାର୍ଯ୍ୟରେ ପିସିସି ସଭ୍ୟ ସବୀର ହୁସେନ, ସେବାଦଳର ବୁଲୁ ଦାସ, ଯୁବନେତା ଶେଖ ସମୀର, ସୋନୁ ପାଠକ, ମହେଶ ପାଣ୍ଡେ, ଏମ୍‌ଡି ଗୁଲାମ ପ୍ରମୁଖ ସାମିଲ୍ ହୋଇ ସମସ୍ତ ଅଞ୍ଚଳ ବୁଲି ଦେଖିବା ସହ ଅଧିବାସୀମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଦଳ ତରଫରୁ କୁହାଯାଇଛି ।

ଓଡ଼ିଶୀ ପାଇଁ ସମର୍ପିତ ପତିତପାବନ

ଚଣ୍ଡିଖୋଲ (ପିଏନ୍): ଓଡ଼ିଶାକୁ ବିଶ୍ୱଦରବାରରେ ପରିଚିତ କରାଇଛି ଓଡ଼ିଶୀ ନୃତ୍ୟ । ଜଗନ୍ନାଥ ସଂସ୍କୃତି ସହ ଓଡ଼ିଶୀ ନୃତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଛାନ୍ଦ, ତାଳ, ଲୟରେ ବାନ୍ଧି ହୋଇ ଓଡ଼ିଶୀ ନୃତ୍ୟ ପ୍ରେମରେ ପଡ଼ିଛନ୍ତି ଅଗଣିତ ବିଦେଶୀ ନାଗରିକ । ଓଡ଼ିଶୀ ନୃତ୍ୟ ବିଶ୍ୱଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛି । ଏ ଦିଗରେ ଓଡ଼ିଶୀ ନୃତ୍ୟଗୁରୁମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ରହିଛି । ଓଡ଼ିଶୀ ନୃତ୍ୟର ପ୍ରଚାରପ୍ରସାର କରି ଏହାକୁ ସମୃଦ୍ଧ କରିବାରେ ଲାଗିଛନ୍ତି । ଗଢ଼ି ଚାଲିଛନ୍ତି ନୂଆ ନୂଆ ଓଡ଼ିଶୀ ନୃତ୍ୟଶିଳ୍ପୀ । ଏମିତି ଜଣେ ଓଡ଼ିଶୀ ନୃତ୍ୟଗୁରୁ ହେଉଛନ୍ତି ଗୁରୁଶ୍ରୀ ପତିତପାବନ ସାହୁ । 'ପୁପି' ସାର୍ ନାମରେ ପରିଚିତ ହୋଇ ଶହଶହ କୁନି ପ୍ରତିଭାଙ୍କୁ ଓଡ଼ିଶୀ ନୃତ୍ୟରେ ମାହିର୍ କରୁଛନ୍ତି । ମାତ୍ର ୨୭ ବର୍ଷ ବୟସରେ ତାଙ୍କର ଏଭଳି ଉଦ୍ୟମକୁ ସମସ୍ତେ ପ୍ରଶଂସା କରୁଛନ୍ତି । ଯୁବଗୋଷ୍ଠୀଙ୍କ ପାଇଁ ସେ ପ୍ରେରଣାର ଉତ୍ସ ସାଜିଛନ୍ତି । ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ୍ ଖଏରା ଗ୍ରାମର ସ୍ୱର୍ଗତଃ ହଟକିଶୋର ସାହୁ ଓ ସୁକ୍ତା ସାହୁଙ୍କ ଜ୍ୟେଷ୍ଠପୁତ୍ର ହେଉଛନ୍ତି ପତିତପାବନ ଓରଫ ପୁପି (୨୭) । ପିଲାଦିନେ ବାପାଙ୍କ ସାଙ୍ଗରେ ଏକ ନୃତ୍ୟ ଅନୁଷ୍ଠାନକୁ କୌଣସି କାର୍ଯ୍ୟରେ ଯାଇଥିବାବେଳେ ସେଠାରେ କୁନିକୁନି ପିଲାମାନେ ଓଡ଼ିଶୀ ନୃତ୍ୟ ଶିଖୁଥିବା ଦେଖିଥିଲେ । ଏହା ତାଙ୍କ ମନରେ ଘର କରିଥିଲା । ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ମନ ବଳାଇଥିଲେ । ପୁଅର ଇଚ୍ଛାକୁ ସମ୍ମାନ ଦେଇ ବାପା ୧୨ ବର୍ଷ ବୟସରେ ତାଙ୍କୁ ଓଡ଼ିଶୀ ନୃତ୍ୟାନୁଷ୍ଠାନରେ ନାଁ ଲେଖାଇଥିଲେ । ଏହାପରଠୁ ଆଉ ପଛକୁ ଫେରି ଚାହିଁନାହାଁନ୍ତି ପତିତପାବନ । ଗୁରୁ ବୈଦ୍ୟନାଥ ପ୍ରାଧାନୀଠାରୁ ନୃତ୍ୟ ଶିକ୍ଷା କରିଥିଲେ । ଓଡ଼ିଶୀ ନୃତ୍ୟ ପ୍ରତି ରହିଥିବା ଦୁର୍ବଳତା ତାଙ୍କୁ ସଫଳତା ଆଡ଼କୁ ଅଗ୍ରସର କରାଇଥିଲା । ବିଭିନ୍ନ ସ୍ଥାନରେ ନୃତ୍ୟ ପ୍ରଦର୍ଶନ କରି ବେଶ୍ ପ୍ରଶଂସା ସାଉଁଟିଥିଲେ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସେ ପ୍ରାୟ ୧୦ ଥର ପ୍ରଥମ ସ୍ଥାନ ଅଧିକାର କରି ସମସ୍ତଙ୍କ ନଜରକୁ ଆସିଥିଲେ । ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିବା ସହ ପୁରସ୍କୃତ ମଧ୍ୟ ହୋଇଛନ୍ତି । ଏତିକିରେ ସେ ଅ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଡିସେମ୍ବର ୦୮

ଜାତି, ଜାତୀୟତା ଓ ଜାତୀୟ ସଂହତି

ଚରମ ମହାଦେଶ ଏସିଆର ପରମ ଏବଂ ଚରମ ଦେଶ ଭାରତ। କଥାରେ କୁହାଯାଏ: ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ। ଅର୍ଥାତ୍ ଭାରତରେ ଯାହା ନାହିଁ ତାହା ବିଶ୍ୱରେ ନାହିଁ । ସବୁ ପ୍ରକାର ଭୌଗୋଳିକ, ଐତିହାସିକ, ରାଜନୈତିକ, ଧର୍ମନୈତିକ, ଉଦ୍ଭିଦ, ପ୍ରାଣୀ ଓ ଜଳବାୟୁ, ରଙ୍ଗ ବା ବର୍ଣ୍ଣର ମଣିଷ ଜାତି ଓ ତାଙ୍କ ଭାଷା ଇତ୍ୟାଦିର ସମାହାର ଏ ଭାରତ। ଏଣୁ ଏହା ଏକ ଚରମ ଭୂଖଣ୍ଡ। ଭାରତ ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ସ୍ୱାଧୀନ ଧର୍ମନିରପେକ୍ଷ ଏବଂ ସାର୍ବଭୌମ ରାଷ୍ଟ୍ର। ତ୍ରିରଙ୍ଗା ଏହାର ଜାତୀୟ ପତାକା 'ଜନଗଣ ମନ...' ଏହାର ଜାତୀୟ ସଂଗୀତ, 'ଅଶୋକଚକ୍ର' ଏହାର ଜାତୀୟ ପ୍ରତୀକ ଏବଂ ଧର୍ମଚକ୍ର। ଆମର ଦ୍ୱୈତ ନାଗରିକ ନାହିଁ । ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ର ସହିତ ମିଶି ଗଢ଼ିଛନ୍ତି ରାଷ୍ଟ୍ରସଂଘ। ଯାହାର ନାଗରିକତା ହେଉଛି ଗୋଟିଏ: ଆମେ ଜାତି-ଧର୍ମ-ବର୍ଣ୍ଣ-ସଂପ୍ରଦାୟ-ବାଳବୃଦ୍ଧ ନିର୍ବିଶେଷରେ ଭାରତୀୟ। ଭାରତୀୟତା ଆମ ଗର୍ବ, ଗୌରବ ଏବଂ ସମ୍ମାନ।

ବିଭିନ୍ନ ସମୟରେ ଭାରତକୁ ବୈଦେଶିକମାନେ ୧୭ ଥର ଆକ୍ରମଣ, ଲୁଣ୍ଠନ ବା ଶାସନ କରିଛନ୍ତି। ଏସବୁ ଜାତିମାନେ ହେଲେ ଆଫଗାନ ଅମୀର, ମଙ୍ଗୋ. ମୋଗଲ, ମରହଟ୍ଟା... ଏବଂ ଶେଷରେ ଇଂରେଜମାନେ ଶାସନ କରିଛନ୍ତି। ଷୋଡ଼ଶ ଶତାବ୍ଦୀରେ ପ୍ରଥମେ ପର୍ତ୍ତୁଗୀଜ ଓ ୧୬୦୦ ମସିହାରେ ଇଂରେଜ ଇଷ୍ଟ ଇଣ୍ଡିଆ କଂପାନୀ ବାଣିଜ୍ୟ ଉଦ୍ଦେଶ୍ୟରେ ଜଳପଥରେ ଭାରତକୁ ଆବିଷ୍କାର କାରଣରୁ ଆସିଥିଲେ ଏବଂ ପରେ ଏହା ଅଙ୍ଗୁଳି ପ୍ରବେଶରେ ବାହୁ ପ୍ରବେଶ ନ୍ୟାୟ ହେଲା। ୧୭୫୭ ଖ୍ରୀଷ୍ଟାବ୍ଦରେ ଇଷ୍ଟ ଇଣ୍ଡିଆ କଂପାନୀ ଏବଂ ବଙ୍ଗର ନବାବ ସିରାଜ ଉଦ୍ଦୌଲାଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହେଲା ଏବଂ ସିରାଜ ପରାସ୍ତ ହେଲେ। ଏଇଠି କଂପାନୀର ଭାରତ ଶାସନ ଆରମ୍ଭ ହେଲା। ଏ ଶାସନ ଚାଲିଲା ୧୮୫୭ ମସିହା ଯାଏଁ। ୧୮୫୭ ମସିହାର କଂପାନୀ ବିରୁଦ୍ଧରେ ଯେଉଁ ସଂଗ୍ରାମ ଥିଲା ତାହା ଥିଲା ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଅଧ୍ୟାୟ। ଏହାପରେ କଂପାନୀ ଶାସନର ଇତିହେଲା ଏବଂ ଭାରତ ଶାସନ ଇଂରେଜ ସରକାରଙ୍କ ହାତକୁ ଚାଲିଗଲା। ଇଂରେଜ ବିରୁଦ୍ଧରେ ଆମ ସଂଗ୍ରାମ ଚାଲୁ ରହିଲା ଏବଂ ୧୯୪୭ ଅଗଷ୍ଟ ୧୫ରେ ଦୀର୍ଘ ୧୯୦ ବର୍ଷ ଲଢ଼େଇ ପରେ ଆମେ ମୁକ୍ତ ହେଲୁ।

ଏଠାରେ ଗୋଟିଏ କଥା ସୂଚାଇଦେଉ ଯେ ସ୍ୱାଧୀନତା ପୂର୍ବରୁ ଭାରତବର୍ଷ ଛୋଟ ଛୋଟ ରାଜ୍ୟ ଦ୍ୱାରା ଶତଧା ବିଭକ୍ତ ଥିଲା ଏବଂ ଏସବୁ ରାଜ୍ୟରେ ରାଜା, ସମ୍ରାନ୍ତ ବା ସାମନ୍ତ ରାଜାମାନେ ଶାସନ କରୁଥିଲେ। ନିଜ ରାଜ୍ୟର ସରହଦ ଓ ପ୍ରତିପତ୍ତି ନେଇ ସେମାନେ ବାରମ୍ବାର ଯୁଦ୍ଧରେ ବ୍ୟାପୃତ ଥିଲେ। ଏମାନଙ୍କର ଭାଷାଗତ କିମ୍ବା ରାଜନୈତିକ ଏକତା ନଥିଲା। ଏମାନେ ଏହି କାରଣରୁ ବିଦେଶୀମାନଙ୍କୁ ପ୍ରତିରୋଧ କରିନପାରି ସେମାନଙ୍କର ଶିକାର ହେଲେ। ଭାରତର ସ୍ୱାଧୀନତା ସଂଗ୍ରାମ ଶିଖାଇ ଦେଲା ଯେ, ଏକତା ହିଁ ବଳ। ଏକତା ବଳରେ ହିମାଳୟକୁ ବି ଟାଳି ହୋଇପାରେ। ଭାରତରେ ବିଭିନ୍ନ ଜାତି, ବର୍ଣ୍ଣ, ଧର୍ମ ସଂପ୍ରଦାୟ, ବୃତ୍ତି, ଖାଦ୍ୟ, ପାନୀୟ, ପୋଷାକ ଓ ଚଳଣିର ଲୋକ ଅଛନ୍ତି। ଏଣୁ ସାମଞ୍ଜସ୍ୟ ପରିବର୍ତ୍ତେ ବିଭିନ୍ନତା ଅଛି। ବିଭିନ୍ନତା ହିଁ ଏକତାର ଅନ୍ତରାୟ ହେବା ସ୍ୱାଭାବିକ। ଇଂରାଜୀରେ ଏକ କଥା ଅଛି-ୟୁନାଇଟେଡ୍ ଉଇ ଷ୍ଟାଣ୍ଡ ଏଣ୍ଡ ଡିଭାଇଡେଡ୍ ଉଇ ଫଲ୍। ଅର୍ଥାତ୍ ଏକତା ବଳରେ ଆମେ ବଳିୟାନ୍ ଏବଂ ବିଭିନ୍ନତାରେ ଆମେ ପରାସ୍ତ ବା ଦୁର୍ବଳ। ଭାରତ ସ୍ୱାଧୀନତା ହେଲା ପରେ ଚିନ୍ତା କଲା ଯେ ଆମ ବିଭିନ୍ନତା ମଧ୍ୟରେ ଏକତା ନରହିଲେ ଆମେ ଦୁର୍ବଳ ହୋଇଯିବା ଏବଂ ଦେଶ ପୁଣି ଖଣ୍ଡ ଖଣ୍ଡ ହୋଇଯିବ ଓ ଆମେ ସ୍ୱାଧୀନତା ହରାଇବା। ଏଣୁ ଏକତା ରହିବା ଜରୁରୀ। ବିଭିନ୍ନତା ମଧ୍ୟରେ ଏକତା ରହିବା ହିଁ ସଂହତି। ଭାରତୀୟଙ୍କ ପାଇଁ ଏ ସଂହତି, ଜାତୀୟ ସଂହତି। ମନେରଖିବା ଯେ ଭାରତର ସୀମା ସରହଦ ମଧ୍ୟରେ ବାସ କରୁଥିବା ଏକ ନାଗରିକପ୍ରାପ୍ତ ସମସ୍ତ ବ୍ୟକ୍ତି ଗୋଟିଏ ଜାତି: ଭାରତୀୟ, ଆମେ ଭାରତୀୟ ।

ବିଭିନ୍ନତା ମଧ୍ୟରେ ଏକତା ରଖିବା ଜାତୀୟ ସଂହତି ହେଲେ ହେଁ, ବିଭିନ୍ନତା ମଧ୍ୟ ସଂହତିର ପ୍ରତିବନ୍ଧକ। ଏହାର ବିଭିନ୍ନ କାରଣଗୁଡିକ ହେଲେ: ଦେଶର ବିଶାଳତା, ଧର୍ମଗତ ପାର୍ଥକ୍ୟ, ଭାଷାଗତ ପାର୍ଥକ୍ୟ, ନିରକ୍ଷରତା, ଜାତିଆଣ ଭାବ, ଦାରିଦ୍ର୍ୟ, ଆଞ୍ଚଳିକତା, ସାଂପ୍ରଦାୟିକତା, ବୈଦେଶିକ ହସ୍ତକ୍ଷେପ, ବିଚ୍ଛିନ୍ନତାବାଦୀ ସଂଗଠନର କୁପ୍ରଭାବ ଏବଂ ଏହିପରି ଅନେକ କିଛି।

ଏକତା କ୍ଷେତ୍ରରେ ଯେପରି ବିଭିନ୍ନ ପ୍ରତିବନ୍ଧକ ଅଛନ୍ତି, ସେମିତି କିଛି ସହାୟକ ଉପାଦାନ ମଧ୍ୟ ସଂହତି ବୃଦ୍ଧିର ଉପାଦାନ। ସେମାନେ ହେଲେ- ସାଂସ୍କୃତିକ ଏକତ୍ରୀକରଣ, ଅର୍ଥନୈତିକ ବିକାଶ, ସହନଶୀଳତା, ଶିକ୍ଷାର ପ୍ରସାର, ଆଞ୍ଚଳିକ ବୈଷମ୍ୟ ଦୂରୀକରଣ, ସଂଖ୍ୟାଲଘୁ ସଂପ୍ରଦାୟର ସୁରକ୍ଷା, ପରସ୍ପର ପ୍ରତି ଶ୍ରଦ୍ଧା ଓ ସମ୍ମାନ, ବିଭିନ୍ନ ଧର୍ମ ଓ ସଂପ୍ରଦାୟ ମଧ୍ୟରେ ଭାଇଚାରା ସଂପର୍କ, ରାଜ୍ୟ-ରାଜ୍ୟ, କେନ୍ଦ୍ର ରାଜ୍ୟ ସ୍ତରରେ ପୂଜ୍ୟପୂଜା ଓ ଭାବର ଆଦାନ ପ୍ରଦାନ, କଳା-ସଂସ୍କୃତି-ସାହିତ୍ୟ ଓ ସାହିତ୍ୟିକଙ୍କ ପ୍ରତି ଯଥୋଚିତ ସମ୍ବର୍ଦ୍ଧନା, ମାନପତ୍ର ଓ ପୁରସ୍କାର ପ୍ରଦାନ ଇତ୍ୟାଦି ବିଚାରଯୋଗ୍ୟ। ଏକଥା ମାନିବାକୁ ହେବ ଯେ ଆମେ ଅନ୍ୟକୁ ଶ୍ରଦ୍ଧା ନକଲେ, ସେ ଆମକୁ ଶ୍ରଦ୍ଧା କରିବ କିଆଁ । ଆମେ ଅନ୍ୟ ଧର୍ମ ଓ ସଂସ୍କୃତିକୁ ଭଲ ନପାଇଲେ, ସେ ଆମକୁ ସେ ସମ୍ମାନ ଦେବ କିଆଁ?

ଭାରତରେ ଜାତୀୟ ସଂହତି ବଜାୟ ରଖିବାରେ ଏବଂ ଏହାକୁ ଦୃଢ଼ କରିବାରେ ଏକ ଜାତୀୟ ସଂହତି ପରିଷଦ ଗଠନ ହୋଇଛି। ଏଥିରେ ପ୍ରଧାନମନ୍ତ୍ରୀ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳର ସାତଜଣ ନେତା, ବିଶ୍ୱବିଦ୍ୟାଳୟ ମଂଜୁରୀ କମିଶନ ଅଧ୍ୟକ୍ଷ, କେତେକ ଶିକ୍ଷାବିତ୍ ଓ ସମାଜସେବୀଙ୍କୁ ନେଇ ଗଠିତ।

ଜାତୀୟ ସଂହତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଆମର ପୂର୍ବତନ ରାଷ୍ଟ୍ରପତି ତଥା ମହାନ୍ ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ କହିଛନ୍ତି: ଜାତୀୟ ସଂହତି କାଦୁଅ ଓ ଇଟାର ଏକ ଗୃହ ନୁହେଁ, ଏହା ଏକ ଶିଳ୍ପ ଯୋଜନା ନୁହେଁ ଯାହା ବି ବିଶେଷଜ୍ଞମାନଙ୍କ ଦ୍ୱାରା ଆଲୋଚିତ ବା କାର୍ଯ୍ୟକାରୀ ହୋଇପାରିବ। ଅପରପକ୍ଷରେ ଏହା ଏକ ଭାବନା ଯାହାକି ଲୋକଙ୍କ ମନରେ ପ୍ରବେଶ କରିବା ଦରକାର। ପରିଶେଷରେ ଏହି ଭାବନା ହିଁ ଲୋକମାନଙ୍କୁ ଜାଗ୍ରତ କରିପାରିବ। ଏହାଫଳରେ ଆମେ ସକଳ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିପାରିବୁ।

ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ଫୋନ୍-୯୯୩୮୩୪୪୧୩୮

ଆଜିର ଅନୁଚିନ୍ତା

ବିଛା କାମୁଡ଼ାରେ କେବଳ ବିନ୍ଧା ଛିଟିକା ହୁଏ, କିନ୍ତୁ କେହି କେବେ ମରେନାହିଁ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ଦେଶ ସାଂପ୍ରଦାୟିକ ଫାସିବାଦ ଆଡକୁ ମୁହାଁଇଛି !

.....ମାୟାଧର ନାୟକ.....

ଭାରତବର୍ଷର ରାଜନୀତିରେ ଆଜି ସତ୍ୟ ନାହିଁ, ସୌନ୍ଦର୍ଯ୍ୟ ନାହିଁ, ସୌରଭ ନାହିଁ-ନାହିଁ ଆଦର୍ଶ, ନାହିଁ ମୂଲ୍ୟବୋଧ । ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟରେ ରାଜନୀତି ହୋଇପଡିଛି ବୈଶ୍ୟ ବୃତି । ଯାହା ଥିଲା ଦିନେ ବ୍ରତ, ତାହା ଏବେ ହୋଇପଡିଛି ବୃତି ! ନେତୃତ୍ୱ କହିଲେ ଆମ ଆଖି ଆଗରେ ଯେଉଁ ବ୍ୟକ୍ତିତ୍ୱର ଝଲକ ଝଟକିଉଠେ, ଯେଉଁ ଭାବମୂର୍ତ୍ତି ଫୁଟିଉଠେ–ସେ ନେତୃତ୍ୱ ଆଜିର ରାଜନୀତିରେ ଖୋଜି ପାଇବା କାଠିକର ପାଠ । ବରଂ ନକଲି ନେତୃତ୍ୱ ନିୟନ୍ତ୍ରଣାଧୀନ ସାଂପ୍ରତିକ ଭାରତୀୟ ରାଜନୀତି । ଏ ରାଜନୀତି ରକ୍ତପାତର ରାଜନୀତି, ଗୁଣ୍ଡାଗର୍ଦ୍ଦିର ରାଜନୀତି, କଳାଟଙ୍କାର ରାଜନୀତି, ନୀତିନୈତିକତାହୀନ ଶଠ-ଶେଠମାନଙ୍କର ରାଜନୀତି । ଏ ରାଜନୀତି ଜନସାଧାରଣଙ୍କୁ ଭୁଲାଏ, ଭଣ୍ଡାଏ, ଭୂଆଁ ବୁଲାଏ ବରାବର । ଏ ରାଜନୀତି ସ୍ୱବିରୋଧର ରାଜନୀତି– ଯେଉଁଠି ଗରିବକୁ ଭତା ନ ମିଳୁ ପଛେ ଧନୀକୁ ମିଳେ ନିଶ୍ଚିତ ନିରାପତା-ମୂଲିଆକୁ ମଜୁରି ନ ମିଳୁ ପଛେ ମୁନାଫାଖୋର୍ କଳାବଜାରୀକୁ ମିଳେ ନିରଙ୍କୁଶ ମର୍ଯ୍ୟାଦା ! ଭାରତବର୍ଷର ରାଜନୀତି ଆଜି ନକଲି ନେତା ଏବଂ ନିଷ୍ଠୁର ବଣିକବର୍ଗଙ୍କର ଗୋଟାଏ ଅସାଧୁ ମେଂଟ !

ଭାରତବର୍ଷର ନାଭିକେନ୍ଦ୍ରରେ ଆଜି କମ୍ପନ! ଗଣତନ୍ତ୍ର ଆଜି ରକ୍ତାକ୍ତ! ଯୁଦ୍ଧ, ସାମ୍ପ୍ରଦାୟିକ ଦଙ୍ଗା, ଦୁର୍ନୀତି, ଅନୀତି, ଧର୍ଷଣ, ଗଣହତ୍ୟା ଓ ବିକୃତିର ବର୍ବରତାରେ ଅତିଷ୍ଠ ଦେଶବାସୀଙ୍କ ଦୃଷ୍ଟିକୁ ଅନ୍ୟ ଆଡକୁ ନେଇ ଯିବା ପାଇଁ ଉନ୍ମାଦନା, ଉତେଜନା ସୃଷ୍ଟି କରିବା ସଂଗେ ସଂଗେ ଜନଗଣଙ୍କ ଅଧିକାରକୁ ପଣ୍ୟ କରିବା ପାଇଁ କଦର୍ଯ୍ୟ, କୁତ୍ସିତ ଚରିତ୍ର ସଂହାର, ବାକ୍‌ଚାତୁରୀ, ଉଦ୍ଦଣ୍ଡ ନାଚ, ଗଣମାଧ୍ୟମରେ ନକଲି ଚେହେରା ପ୍ରଦର୍ଶନ ଓ ମିଥ୍ୟା ପ୍ରଚାର କରି ଭୋଟଦାତାମାନଙ୍କ ମଧ୍ୟରେ ବିଭ୍ରାନ୍ତ, ବିଦ୍ୱେଷ ଓ ଦ୍ୱନ୍ଦ ସୃଷ୍ଟି କରାଯାଉଛି । ଅନେକ ବର୍ଷ ହେଲା ଶିଳ୍ପପତି, ରାଜନୈତିକ ନେତା, ଅପରାଧୀ ଓ ପ୍ରଶାସକଙ୍କ ଅଶୁଭ ମୈତ୍ରୀ ଗଢି ଉଠିଛି । ଯାହାଫଳରେ ଅଳ୍ପସଂଖ୍ୟକ ଲୋକ ଲକ୍ଷପତିରୁ କୋଟିପତି ହେବାରେ ଲାଗିଛନ୍ତି । କୋଟି କୋଟି ମେହେନତି ଜନଗଣ ନାହିଁ ନଥିବା ଅଭାବରେ ହନ୍ତସନ୍ତ ହେଉଛନ୍ତି । କାମ ନାହିଁ, ଖାଦ୍ୟ ନାହିଁ, ଜମିରେ ଜଳ ନାହିଁ, ଚାରିଆଡେ ନାହିଁ ନାହିଁର ନକ୍‌ସା । ଏବେ ରାଜନୀତି ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇସାରିଛି । ନିର୍ବାଚନରେ ଦେଶବାସୀଙ୍କ ପାଇଁ କୌଣସି ଦଳର ବାସ୍ତବ ଆଭିମୁଖ୍ୟ ନାହିଁ । ଦଳମାନଙ୍କର ଇସ୍ତାହାରରେ ଯାହା ପ୍ରତିଶ୍ରୁତି ଦିଆଯାଇଛି–ସେ ସବୁ କେବଳ ପାଣିର ଗାର ।

ଭାରତବର୍ଷର ଜନସାଧାରଣ ଆଜି ଜଳକା ହୋଇ ଚାହିଁ ରହିଛନ୍ତି–ମାରି ନେଉଥିବା ମହାପାତ୍ରମାନେ ବସିଛନ୍ତି କ୍ଷମତାର ମସନଦ୍‌ରେ । ପ୍ରିୟାପ୍ରୀତି ତୋଷଣ ତ' ସାଧାରଣ କଥା–ଲାଂଚ, ମିଛ ଦୁର୍ନୀତିକୁ ଆଶ୍ରୟ ଓ ପ୍ରଶ୍ରୟ ଦେଇଚାଲିଥିବା ସାଂପ୍ରତିକ ରାଜନୈତିକ ବ୍ୟବସ୍ଥାରେ ହତ୍ୟା, ଗଣସଂହାର, ସାଂପ୍ରଦାୟିକ ଦଙ୍ଗା ଇତ୍ୟାଦି ପରିଣତ ହୋଇସାରିଲାଣି ଗୋଟିଏ ଗୋଟିଏ ସ୍ୱାଭାବିକ ଚଳଣିରେ ।

ଭାରତବର୍ଷର ରାଜନୀତିରେ ଆଜି ସତ୍ୟ ନାହିଁ, ସୌନ୍ଦର୍ଯ୍ୟ ନାହିଁ, ସୌରଭ ନାହିଁ-ନାହିଁ ଆଦର୍ଶ, ନାହିଁ ମୂଲ୍ୟବୋଧ । ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟରେ ରାଜନୀତି ହୋଇପଡିଛି ବୈଶ୍ୟ ବୃତି । ଯାହା ଥିଲା ଦିନେ ବ୍ରତ, ତାହା ଏବେ ହୋଇପଡିଛି ବୃତି ! ନେତୃତ୍ୱ କହିଲେ ଆମ ଆଖି ଆଗରେ ଯେଉଁ ବ୍ୟକ୍ତିତ୍ୱର ଝଲକ ଝଟକିଉଠେ, ଯେଉଁ ଭାବମୂର୍ତ୍ତି ଫୁଟିଉଠେ–ସେ ନେତୃତ୍ୱ ଆଜିର ରାଜନୀତିରେ ଖୋଜି ପାଇବା କାଠିକର ପାଠ । ବରଂ ନକଲି ନେତୃତ୍ୱ ନିୟନ୍ତ୍ରଣାଧୀନ ସାଂପ୍ରତିକ ଭାରତୀୟ ରାଜନୀତି । ଏ ରାଜନୀତି ରକ୍ତପାତର ରାଜନୀତି, ଗୁଣ୍ଡାଗର୍ଦ୍ଦିର ରାଜନୀତି, କଳାଟଙ୍କାର ରାଜନୀତି, ନୀତିନୈତିକତାହୀନ ଶଠ-ଶେଠମାନଙ୍କର ରାଜନୀତି । ଏ ରାଜନୀତି ଜନସାଧାରଣଙ୍କୁ ଭୁଲାଏ, ଭଣ୍ଡାଏ, ଭୂଆଁ ବୁଲାଏ ବରାବର । ଏ ରାଜନୀତି ସ୍ୱବିରୋଧର ରାଜନୀତି– ଯେଉଁଠି ଗରିବକୁ ଭତା ନ ମିଳୁ ପଛେ ଧନୀକୁ ମିଳେ ନିଶ୍ଚିତ ନିରାପତା-ମୂଲିଆକୁ ମଜୁରି ନ ମିଳୁ ପଛେ ମୁନାଫାଖୋର୍ କଳାବଜାରୀକୁ ମିଳେ ନିରଙ୍କୁଶ ମର୍ଯ୍ୟାଦା ! ଭାରତବର୍ଷର ରାଜନୀତି ଆଜି ନକଲି ନେତା ଏବଂ ନିଷ୍ଠୁର ବଣିକବର୍ଗଙ୍କର ଗୋଟାଏ ଅସାଧୁ ମେଂଟ !

ଭାରତୀୟ ରାଜନୀତିରେ ଏକ ସମାନ୍ତରାଳ ଗଣତାନ୍ତ୍ରିକ ବିରୋଧୀ ଧାରାର ପରୀକ୍ଷା ନିରୀକ୍ଷା ବ୍ୟର୍ଥ ସାବ୍ୟସ୍ତ ହୋଇଆସିଛି ବରାବର । ଏଠି ବହୁ ଦଳ, ବହୁ ଧ୍ୱଜା, ବହୁ ଧ୍ୱନି-ଅଜସ୍ର ଚିହ୍ନ ବା ପ୍ରତୀକ– କିନ୍ତୁ ନିରେଖି ଦେଖିଲେ ପରସ୍ପର ସହିତ ଲଢାଲଢି ହେଉଥିବା ଏସବୁ ଦଳର ଚରିତ୍ର ସଂପୂର୍ଣ୍ଣ ସମାନ । ବିଭିନ୍ନ ସାଇନ୍-ବୋର୍ଡ ଝୁଲାଇ ରାଜନୀତିର ଗୋଟାଏ ବିରାଟ ବଜାର ବିଛାଇ ବସିଛନ୍ତି କ୍ଷମତା-ଦଲାଲ୍‌ମାନେ-ସମଗ୍ର ଭାରତବର୍ଷରେ ଚାଲିଛି କିଣାବିକାର ରାଜନୀତି, ଦୋକାନଦାରିର ରାଜନୀତି, ଚାନ୍ଦା ଭେଦାର ରାଜନୀତି, ଗୋଲକ ଧନ୍ଦାର ରାଜନୀତି । ଆଜି ଯିଏ ଶାସକ ଦଳରେ, କାଲି ତାକୁ ଦେଖିବାକୁ ମିଳୁଛି ବିରୋଧୀ ଦଳରେ-ଆଜି ଯିଏ ବିରୋଧୀ ଶିବିରରେ ଥାଇ ବଦ୍ଧମୁଷ୍ଟି ଉତୋଳନ କରୁଛି, କାଲି ସିଏ ହାତ ମିଳାଉଛି ଶାସକ ଦଳର କାର୍ପଟ୍‌ଦାରମାନଙ୍କ ସହିତ । ଯେହେତୁ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ ନାହିଁ, ନିର୍ଦ୍ଧାରିତ ଦର୍ଶନ ବା ଦୃଷ୍ଟିଭଙ୍ଗୀ ନାହିଁ– ସେଇଥିପାଇଁ ଭାରତବର୍ଷର ଗଣତନ୍ତ୍ରରେ ବାରମ୍ବାର ପ୍ରତ୍ୟକ୍ଷ କରିବାକୁ ପଡୁଛି ଏ ପ୍ରହସନର ପର୍ବ ! ଦଳବଦଳର ଦୃଷ୍ଟାନ୍ତ ସବୁ ଭାରତୀୟ ରାଜନୀତିରେ ଅତି ମାମୁଲି ଘଟଣା । କାହାକୁ ବିଶ୍ୱାସ କରିବା ? କାହା କଥାକୁ ବେଦର ଗାର ଭଳି ଗ୍ରହଣ କରିନେବା ? ନା, ଆଜିର ଭାରତୀୟ ମୂଳଦୁଆ ଛିଡା ହୋଇଛି ଗୋଟାଏ ବିରାଟ ବିଶ୍ୱାସଭଙ୍ଗ ଉପରେ ! ରାଜନେତାମାନେ ବିଶ୍ୱାସଘାତକତା କରୁଛନ୍ତି ଜନଗଣଙ୍କ ପ୍ରତି, ରାଜନୈତିକ ଦଳମାନେ ଆଖିଠାର ମାରୁଛନ୍ତି ତମାମ୍ ଦେଶକୁ । ଯିଏ ଯେତେ ବେଶି ଦୁର୍ନୀତି କରି ଧନ ଠୁଳ କଲା, ସିଏ ବୋଲାଇଲା ସେତେବଡ ଛାମୁନେତା-ଯିଏ ଯେତେ ବେଶି ଗୁଣ୍ଡା ପୋଷି ପାରିଲା, ସିଏ ହେଲା ସେତେବଡ କରିତ୍‌କର୍ମା କାର୍ପଟ୍‌ଦାର ! ଏଇ ହେଉଛି ଆଜିର ହାଲ୍‌ଚାଲ୍ ।

ପ୍ରିୟ ବଂଧୁଗଣ, ଆପଣମାନେ ଲକ୍ଷ୍ୟ କରନ୍ତୁ– ଏ ରାଜନୀତି କାହାର ? ଏ ନେତାସବୁ କାହାର ? ଏ ଶାସନ ଓ ପ୍ରଶାସନ କାହାର ? ଆପଣମାନେ ଏ ପ୍ରଶ୍ନ ବାରମ୍ବାର ପଚାରନ୍ତୁ ସେମାନଙ୍କୁ–ଯେଉଁମାନେ କେବଳ ନିର୍ବାଚନ ବେଳେ ଆସି ମୁହଁ ଦେଖାନ୍ତି ଆପଣମାନଙ୍କ ଦୁଆରେ–ବଡ ବଡ କଥା କହନ୍ତି, ଭାଷଣବାଜି କରନ୍ତି, ମିଥ୍ୟା ଶପଥପାଠ କରନ୍ତି ବିନା ସଂକୋଚରେ । ଆମେ କ'ଣ ସେମାନଙ୍କୁ ବରଦାସ୍ତ କରିଚାଲିଥିବା ଏମିତି ସବୁଦିନେ ? ନିଜେ ଭୁଖା ରହି ମାନି ନେଉଥିବା ସେମାନଙ୍କ କପଟପାସାକୁ ? ମୁଖା ଖସାଇବା ନାହିଁ ସେମାନଙ୍କ ମୁହଁରୁ ?

ଭାରତବର୍ଷ ଆଜି ଜ୍ୱଳନ୍ତ ଜତୁଗୃହ । ସବୁଠି ନିଆଁ ଲାଗିଚି–ସବୁଠି ନିଆଁ ଜଳୁଛି–ମଶାଣିରେ, ମନ୍ଦିରରେ, ମସ୍‌ଜିଦ୍‌ରେ, କଳ-କାରଖାନାରେ, କ୍ଷେତରେ, ଖାଦାନ୍‌ରେ, ଗାଆଁଗଣ୍ଡାରେ, ସହରରେ–ସବୁଠି ! ମଣିଷ ମନରେ ନିଆଁ ଲାଗିଛି-ନିଆଁ ଲାଗିଛି ପ୍ରବଂଚିତ ଜନତାର ସଂଚିତ ସ୍ୱପ୍ନରେ ! ଏ ନିଆଁ ଲିଭାଇବ କିଏ ?

ଯେଉଁମାନେ ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି ଯୋଜନାର ଜାଲ ବୁଣନ୍ତି, ଯେଉଁମାନେ ସୌଖୀନ୍ ଡ୍ରଇଂରୁମ୍‌ର ରେଶମୀ ପର୍ଦ୍ଦା ଅନ୍ତରାଳରେ ଥାଇ ବୌଦ୍ଧିକ ସଂଳାପ ଶୁଣାନ୍ତି, ଯେଉଁମାନେ ମାର୍ବଲ ମହଲର କାଠ-କୋଠରୀରେ ଶୋଇ ହିସାବଫର୍ଦ୍ଦ ପଢନ୍ତି, ଯେଉଁମାନେ ନିଭୃତ ମନ୍ତ୍ରଣାକକ୍ଷରେ ରାଜନୀତିର ରୂପରେଖ ବଦଳାଇବାର ମସୁଧା କରନ୍ତି– ସେମାନେ ଲିଭାଇବେ ନାହିଁ ଏ ନିଆଁ ।

ଏ ନିଆଁ ଲିଭାଇବେ ଆପଣମାନେ । ଜନଜାଗରଣର ଏକ ନୂତନ ଅଧ୍ୟାୟ ଉନ୍ମୋଚିତ ହେଲେ ହିଁ ଭାରତବର୍ଷର ଭାଗ୍ୟ ବଦଳିବ– ଭବିଷ୍ୟତ ବଦଳିବ–ବ୍ୟବସ୍ଥା ବଦଳିବ–ବଦଳିବ ଏ ଉତପ୍ତ ଅବସ୍ଥା ।

ଆଜି ଭାରତବର୍ଷର ଦିଗନ୍ତରେ ଘନୀଭୂତ ଅନ୍ଧକାର ରାତ୍ରି । ଯେଉଁଠି ଚାହିଁଲେ ବି କେବଳ ଗଦାଗଦା ନୈରାଶ୍ୟ, ଆତଙ୍କର ଅପଛାୟା, ସ୍ୱପ

ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାଡ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ୍ୱ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡଙ୍ଗର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦ୍ଧାରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧିକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍‌ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଝକ୍ଷଷ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶାକରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି। ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ

ମୋ ଓଡ଼ିଶା

ନମସ୍ତେ ନମସ୍ତେ ମା'ଗୋ କମଳା ଦୁଲଣୀ...

ମାର୍ଗଶୀର ମାସରେ ପଡୁଥିବା ଗୁରୁବାର ଯେପରି ନିଷ୍ଠାରେ ପାଳନ କରାଯାଏ ତହିଁରୁ ଓଡ଼ିଆଙ୍କର ସାମାଜିକ ଚାଲିଚଳଣ ଅନ୍ୟମାନଙ୍କଠାରୁ ବାରି ହୋଇପଡ଼େ। ଏମିତି କେଉଁଠି କରୁଣା ତ କେଉଁଠି କଠୋରତାର ସୁନ୍ଦର କାହାଣୀ, ମଣିଷର ଜୀବନ କାହାଣୀ କହେ ମାର୍ଗଶୀର ମାସ ଗୁରୁବାର ପର୍ବ। ଓଡ଼ିଆଙ୍କର ଏକାନ୍ତ ନିଜସ୍ୱ ଖାଣ୍ଟି ଓଡ଼ିଆ ପର୍ବ ମାର୍ଗଶୀର ଗୁରୁବାର ବା ମାଣବସା ଗୁରୁବାର ଓଷା। ମାଣବସା ଗୁରୁବାର ଓଡ଼ିଶାର ଓ ଓଡ଼ିଆଙ୍କର ଏକାନ୍ତ ନିଜସ୍ୱ ପର୍ବ। ଏଥିରେ ଝୋଟି, ଧାନଶିଖା, ଆଙ୍ଗୁଠି ଚିତା ଯେଭଳି ଓଡ଼ିଆଙ୍କର ନିଜସ୍ୱ, ଏଥିରେ ପିଠାପଣା, ପୂଜା ସବୁ ଓଡ଼ିଆଙ୍କର ଓଡ଼ିଆ ଜାତିର ପୂର୍ବ ସମୃଦ୍ଧି, ପୂର୍ବ ବଢ଼ିମାର ନିଦର୍ଶନ। ଏ ପୂଜାରେ ଜାତି ଅଜାତି ନାହିଁ। ବ୍ରାହ୍ମଣଠାରୁ ଚଣ୍ଡାଳ ଯାଏ ସବୁ ଓଡ଼ିଆ ଘରେ ଏ ପର୍ବ ପାଳନ କରାଯାଏ। ମହାଲକ୍ଷ୍ମୀଙ୍କର ପୂଜା ପ୍ରତ୍ୟେକ ହିନ୍ଦୁ ଘରରେ କରାଯାଏ। ମା' ମହାଲକ୍ଷ୍ମୀ ଭାରତର ଅନ୍ୟ ସ୍ଥାନମାନଙ୍କରେ କେବଳ ଧନଦାତ୍ରୀ ଦେବୀ ରୂପେ ଅଧିଷ୍ଠିତା ହେଉଥିଲେ ମଧ୍ୟ ଓଡ଼ିଶାରେ ଓଡ଼ିଆମାନଙ୍କର ମାଣବସା ଗୁରୁବାର ପୂଜା କେବଳ ଧନଧାନ୍ୟର କଥା କହେ ନାହିଁ; ବରଂ ଏହାକୁ ପ୍ରାପ୍ତ କରିବା ପାଇଁ ଆବଶ୍ୟକ ହେଉଥିବା ନିଷ୍ଠାକୁ ବି ନିଖୁଣ ଭାବେ ବର୍ଣ୍ଣନା କରେ। ସାମାଜିକ ଜୀବନରେ ଜାତି ଜାତି ମଧ୍ୟରେ ଥିବା ଫରକ ଭଗବତ ଆରାଧନା ନିକଟରେ ତୁଚ୍ଛ ବୋଲି ଏହା ପ୍ରମାଣିତ କରେ। ଖାଲି ସେତିକି ନୁହେଁ ଏହି ପର୍ବ ଅନୁଶାସନର ପରିଧି ମଧ୍ୟରୁ ମହାପ୍ରଭୁ ବି ବାଦ ନୁହଁନ୍ତି ବୋଲି ପ୍ରମାଣିତ କରେ। ଲକ୍ଷ୍ମୀ ପୂଜା ସାରା ଭାରତର ହିନ୍ଦୁ ସମାଜରେ ପ୍ରଚଳିତ। ମାଣବସା ମଧ୍ୟ ଅନ୍ୟ ଅନ୍ୟ ପ୍ରଦେଶରେ ପ୍ରଚଳିତ ଅଛି। କିନ୍ତୁ ଆମ ମାର୍ଗଶୀର ମାସ ଗୁରୁବାର ମାଣବସା ଭଳି ଚାରି ବା ପାଞ୍ଚଅଞ୍ଜଳି ମାଣବସା ଓଡ଼ିଆଙ୍କ ବ୍ୟତୀତ ଅନ୍ୟ କେଉଁଠି ହୁଏନାହିଁ। ଏହି ମାଣବସା ଭୋଗ ଆମ ଓଡ଼ିଆଙ୍କର ନିଜସ୍ୱ ରାନ୍ଧଣାର ନିଦର୍ଶନ। ଓଡ଼ିଆଙ୍କ ଭଜା, ରାଇ, ଆମ୍ବିଳ, ଶାକର, କଖାରୁ, ମଧୁରୁଚି, ଦହିପଖାଳ, ମୂଳା ଶାଗ, ରାଇ ସୋରିଷ ଶାଗରାଇ, ଚିତଉ, ଚକୁଳି, ଖିରିସା ପାଣି, ବିରି ଗେଟେଇ, ଅଟକାଳି, ସରପୁଳି, ଦୁଧପୁଳି, ବଡ଼ିପକା ମହୁର, ବେସର, ନଡ଼ିଆ ବଡ଼ିପକା ଶାଗ, କର୍ପୂର ମରିଚ ପକା ଛେନା, ନଡ଼ିଆ ଚକଟା କାକରା ପିଠା, ଆରିସା ପିଠା, ମୁଗ ପୁଳି, ମୁଗ କାନ୍ତି ଏଭଳି ରାନ୍ଧଣା ଓଡ଼ିଆଙ୍କ ଘର ଛଡ଼ା ଅନ୍ୟଆଡ଼େ ହୁଏନାହିଁ। ଘରୋଇ ପରିବେଶରେ ଜଣେ ଗୃହିଣୀ ଯେପରି ରାନ୍ଧିବାଢ଼ି ଘରଦ୍ୱାର ସଫା ସୁତୁରା ରଖି ଚଳିବା କଥା, ସେଇ ପରିବେଶ ସେଇ ରୂପରେ ଲକ୍ଷ୍ମୀଙ୍କୁ କଳନା କରାଯାଇଛି। ଘରମାନଙ୍କରେ ସାମାନ୍ୟ ତ୍ରୁଟିବିଚ୍ୟୁତି ଘଟିଲେ ବୟସ୍କା ମହିଳାମାନେ ଲକ୍ଷ୍ମୀଛାଡ଼ି ଅଲକ୍ଷଣୀ ବୋଲି ଗାଳି କରନ୍ତି। ତେଣୁ ଧନଧାନ୍ୟ ସ୍ନେହ ବାତ୍ସଲ୍ୟ, ଦୟା କ୍ଷମାର ପ୍ରତିମୂର୍ତ୍ତି ରୂପେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇଛି। ଘରର ଶ୍ରୀ ସମୃଦ୍ଧି ପରିଷ୍କାର ପରିଚ୍ଛନ୍ନତା ହେଉଛି ଲକ୍ଷ୍ମୀବ୍ରତର ପ୍ରଧାନ ବୈଶିଷ୍ଟ୍ୟ। ମାର୍ଗଶୀର ମାସ ଆସିବା ମାତ୍ରେ ସହର ମଫସଲ ସର୍ବତ୍ର ସ୍ତ୍ରୀମାନଙ୍କ ଭିତରେ ଗୋଟାଏ ଚହଳ ସୃଷ୍ଟି ହୁଏ। ସହରରେ ବେଶୀ ମାଟି ଘର ନାହିଁ। ସିମେଣ୍ଟ ଘରେ ବୁଧବାର ଦିନ ଧୋଇ ପୋଛି ଚିତା ଲେଖାଯାଏ। କିନ୍ତୁ ଗାଁଗହଳରେ ସ୍ତ୍ରୀଲୋକମାନେ ମାଟି ଗୋବରରେ ଘରଦ୍ୱାର, କାନ୍ଥବାଡ଼ ଲିପାପୋଛା କରନ୍ତି। ଅରୁଆ ଚାଉଳ ବଟା ପିଠଉ, ଢାଉ ହଳଦିଆ ମାଟି ସଂଗ୍ରହ କରି କେତେ ରଙ୍ଗରେ ହାତୀ, ମୟୂର, ଓଲଟ ଶୁଆ, ଧାନଶିଖା ଜାତି ଜାତିକା ଆଙ୍ଗୁଠି ଚିତାମାନ ଲେଖନ୍ତି। ଦେଖିଲେ ଆଖି ଲାଖିରହେ। ମାର୍ଗଶୀର ମାସରେ ପଡୁଥିବା ଚାରି କି ପାଞ୍ଚ ପାଳି ଗୁରୁବାର ଯେପରି ନିଷ୍ଠାରେ ପାଳନ କରାଯାଏ, ତହିଁରୁ ଓଡ଼ିଆଙ୍କର ସାମାଜିକ ଚାଲିଚଳଣ ଅନ୍ୟମାନଙ୍କଠାରୁ ବାରି ହୋଇପଡ଼େ। ଏଥିସହିତ ସମାଜରେ ଏବଂ ପୁରୁଷଙ୍କ ଜୀବନରେ ନାରୀଙ୍କ ଭୂମିକା ବି ବର୍ଣ୍ଣନା କରାଯାଇଛି ଅତ୍ୟନ୍ତ ନିଛକ ଭାବେ। ଘରଣୀ ହେଉଛି ଘର। ଘରଣୀ ବିନା ଘରର କଳ୍ପନା କରାଯାଇପାରେ ନାହିଁ। ଏପରି କି ଘରଣୀ ବିନା ମହାପ୍ରଭୁ ଜଗନ୍ନାଥ ମଧ୍ୟ ବାର ଦୁଆର ବୁଲି ଭିକ ମାଗିବାକୁ କିଭଳି ବାଧ୍ୟ ହୋଇଛନ୍ତି, ତାହା ଏହି ପୁରାଣରେ ବର୍ଣ୍ଣନା କରାଯାଇଛି। ଜାତି, ଅଜାତି, ଗୋରା, କଳା ବର୍ଣ୍ଣ ଭେଦରେ ଯେଉଁ ସମାଜ ଆଜି ନଷ୍ଟଭ୍ରଷ୍ଟ, ଜଗନ୍ନାଥ ସଂସ୍କୃତିର ଉଚ୍ଚ ଆଦର୍ଶ ଲକ୍ଷ୍ମୀ ପୁରାଣରେ ପ୍ରକଟିତ ହୋଇଛି। ଏ ବ୍ରତରେ ଜାତିଭେଦ ନାହିଁ। ସ୍ୱୟଂ ମହାଲକ୍ଷ୍ମୀ ବ୍ରାହ୍ମଣଠାରୁ ଚଣ୍ଡାଳଯାଏଁ ଦ୍ୱାରେ ଦ୍ୱାରେ ବୁଲିଛନ୍ତି। ଯେଉଁଠି ନିଷ୍ଠା ପବିତ୍ରତା ଦେଖିଛନ୍ତି, ସେଇଠି ସନ୍ତୁଷ୍ଟ ହୋଇ ଆପେ ଯାଚି ବରଦାନ କରିଛନ୍ତି। ଅନ୍ୟ ଦୃଷ୍ଟିକୋଣରୁ ଦେଖିଲେ କର୍ତ୍ତବ୍ୟନିଷ୍ଠା ପରିଶ୍ରମ ହିଁ ଜୀବନକୁ ଯଶ, ଗୌରବ, ଧନରତ୍ନ, ଶ୍ରୀ ସମୃଦ୍ଧିରେ ମଣ୍ଡିତ କରେ, ଏହି ସୂଚନା ବାଣ୍ଟେ ଓଡ଼ିଆର ମାଣବସା ଗୁରୁବାର। ମାଣବସା ଗୁରୁବାର ପୁରାଣ ଯେତିକି ଚିତାକର୍ଷକ, ସେତିକ ଶିକ୍ଷଣୀୟ।

ଦେବରାଜ ପଟ୍ଟନାୟକ, ଷ୍ଟିଓ୍ୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମିଶନରୋଡ଼, ବକ୍ସିବଜାର, କଟକ, ଦୂରଭାଷ: ୯୮୬୧୧୮୭୨୧୨

ଡକ୍ଟର ରାଧାନାଥ ରଥଙ୍କ ୧୨୬ତମ ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ବିଶିଷ୍ଟ ସମାଜସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଡକ୍ଟର ରାଧାନାଥ ରଥଙ୍କ ୧୨୬ତମ ଜୟନ୍ତୀ ଉତ୍ସବ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଜାରକା ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ ଯୋଗଦେଇ କାହାରି ନିନ୍ଦା, ସମାଲୋଚନା ଓ ଚକ୍ରାନ୍ତକୁ ରାଧାନାଥବାବୁ ଖାତିର ନକରି ନିଜ ବିବେକାନୁଯାୟୀ କାର୍ଯ୍ୟ କରିଥିବାରୁ ସମାଜ ଖବରକାଗଜ ଶତାୟୁ ଲାଭ କରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉପେନ୍ଦ୍ର ସାରଦା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ ଯୋଗଦେଇ ରାଧାନାଥବାବୁଙ୍କ ଅତି ସାଧାରଣ ବ୍ୟକ୍ତିତ୍ୱ ଭିତରେ ଅସାଧାରଣ ଧୀମତା ଥିଲା ବୋଲି ମତବ୍ୟକ୍ତ କରିଥିଲେ। ଉପସଭାପତି ମିନତୀ ସାହୁ ସ୍ୱାଗତ ଭାଷଣ ଦେଇ ରାଧାନାଥ ବାବୁଙ୍କଠାରେ ଅସୀମ ନିଷ୍ଠା, ଦୃଢ଼ତା ଓ ପ୍ରତିଭା ଦେଖି ଉତ୍କଳମଣି ତାଙ୍କୁ ନିଜର ବିଶ୍ୱସ୍ତ ଅନୁଗାମୀ ଭାବରେ ମନୋନିତ କରିଥିଲେ ବୋଲି ପ୍ରକାଶ କରିଥିଲେ। ସମ୍ପାଦକ ହୃଷିକେଶ ସାମଲ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସକ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡା, ଆଇନଜୀବୀ ସନ୍ତୋଷ କୁମାର ତରାଇ, ଅନ୍ୟତମ ଉପସଭାପତି ମାଧୁରୀ ଶତପଥୀ, ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡା. ରୁଦ୍ରନାରାୟଣ ପୃଷ୍ଟି, ମଧୁପୁର କଲେଜ ଅଧ୍ୟାପକ ଡ. ତୁହିନାଂଶୁ ରଥ, ବାରବାଟି ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟାପକ ବିଜୟ କୁମାର ନାୟକ, ଧର୍ମଶାଳା ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ, ବ୍ରହ୍ମବରଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢୀ ଓ ଦଧିବାମନଜିୟୁ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାତ୍ର, ସାମ୍ବାଦିକ ବିନୋଦବିହାରୀ ସାହୁ ପ୍ରମୁଖ ଯୋଗଦେଇ ବାବୁଜୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ କମିଟି ସଭ୍ୟ ପଣ୍ଡିତ ବ୍ରଜକିଶୋର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଜାରକା ଅଂଚଳରୁ ବ୍ରାଉନ ସୁଗାର ଜବତ, ଜଣେ ଅଟକ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଷ୍ଟାଡିୟମ ନିକଟରୁ ଯାଜପୁର ସ୍ପେଶାଲ ପୁଲିସ ସ୍କ୍ୱାର୍ଡ ପକ୍ଷରୁ ଚଢାଉ କରାଯାଇ ଜଣେ ଯୁବକଠାରୁ ବ୍ରାଉନ ସୁଗାର ଜବତ କରାଯିବା ସହ ତାକୁ ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି। ବାଲେଶ୍ୱର ଜିଲ୍ଲାର ଜଣେ ଯୁବକ ବ୍ରାଉନ ସୁଗାର ବିକ୍ରି ଉଦ୍ଦେଶ୍ୟରେ ଆସିଥିବା ବେଳେ ଯାଜପୁର ସ୍ପେଶାଲ ସ୍କ୍ୱାର୍ଡ ତା'ର ପିଛା କରି ଜାରକାସ୍ଥିତ ଷ୍ଟାଡିୟମ ନିକଟରୁ ତାକୁ କାବୁ କରିବା ସହ ବ୍ରାଉନ ସୁଗାର ଜବତ କରିଥିବା ଜଣାପଡିଛି। ତେବେ ଏଥିନେଇ ପୁଲିସ କିଛି ସ୍ପଷ୍ଟ କରିନଥିବା ବେଳେ ପରେ ଏହି ଘଟଣା ସମ୍ପର୍କରେ ସୂଚନା ପ୍ରଦାନ କରାଯିବ ବୋଲି କହିଛି। ଏଥିପୂର୍ବରୁ ଜାରକା ଅଂଚଳରୁ ବହୁବାର ପୁଲିସ ବ୍ରାଉନ ସୁଗାର ଜବତ କରିଥିବା ବେଳେ ଏହି ବ୍ୟବସାୟର ମାଷ୍ଟର ମାଇଣ୍ଡ ନିକଟରେ ପହଁଚିବାରେ ବିଫଳ ହୋଇଛି। ଯାହାଫଳରେ ଜାରକା ଅଂଚଳରେ ଏହି କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଯୁବଗୋଷ୍ଠୀ ନିଶାରେ କବଳିତ ହୋଇ ବିପଥଗାମୀ ହେଉଛନ୍ତି ବୋଲି ଆଲୋଚନା ହେଉଛି।

ତରିଆ ପୋଖରୀ ପୁନରୁଦ୍ଧାର ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆରମ୍ଭ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରିଆ ଗାଁ ପୋଖରୀର ପୁନରୁଦ୍ଧାର କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି। ପିଇଓ ମହେଶ୍ୱର ମହାନ୍ତି ଯାଜପୁର ଟାଉନସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ପହଁଚି ନିଜର ପକ୍ଷ ରଖିଛନ୍ତି। ପିଇଓ ଶ୍ରୀ ମହାନ୍ତିଙ୍କ ସହ କନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ପଣ୍ଡାଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ଡକରା ହୋଇଥିବା ଜଣାପଡ଼ିଛି। ଉଲ୍ଲେଖ-ଯୋଗ୍ୟ, ୨୦୧୯/୨୦ ଆର୍ଥିକ ବର୍ଷରେ ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ତରିଆ ପଞ୍ଚାୟତ ନୂଆ ପୋଖରୀର ପୁନରୁଦ୍ଧାର ପାଇଁ ୨୪ ଲକ୍ଷ ୯୯ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ସେହିପରି ଏହି ସମୟରେ ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ତରିଆ ପଞ୍ଚାୟତ ନୂଆ ପୋଖରୀ ନାଁରେ ୩ ଲକ୍ଷ ୫୦ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ସମାନ ଆର୍ଥିକ ବର୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ଏହି କାମ ପାଇଁ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ୧୭ ଲକ୍ଷ ୬୫ ହଜାର ୪୪୨ ଟଙ୍କା ପୈଠ କରିଥିବା ବେଳେ ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ୩ ଲକ୍ଷ ୪୬ ହଜାର ୫ ଶହ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଥିଲା। ଦୁଇଟି ବିଭାଗ ପକ୍ଷରୁ ଗୋଟିଏ ସମୟରେ ମୋଟ ୨୧ ଲକ୍ଷ ୧୧ ହଜାର ୯୪୨ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପଂଚାୟତ ତରଫରୁ କିଛି କାମ ନହୋଇ ଟଙ୍କା ଉଠାଇ ନିଆଯାଇଥିବା ଜଣାପଡ଼ିବା ପରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଲୋକାୟୁକ୍ତ ଅଭିଯୋଗର ତଦନ୍ତ କରିବା ସହିତ ଦାୟିତ୍ୱରେ ଥିବା ତତ୍କାଳୀନ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମହାନ୍ତି, କନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ପଣ୍ଡା, ପିଇଓ ମହେଶ୍ୱର ମହାନ୍ତି ଓ ପୂର୍ବତନ ସରପଂଚ ସୁଶାନ୍ତ ସେଠୀଙ୍କୁ ଏହାର ଉତର ରଖିବାକୁ ନୋଟିସ୍ ଜାରି କରିଥିଲେ। ତେବେ ସେମାନେ ଦେଇଥିବା ସ୍ପଷ୍ଟୀକରଣ ସନ୍ତୋଷଜନକ ହୋଇନଥିଲା। ଏଠାରେ ଏକ ବଡ଼ଧରଣର ଘୋଟାଲା ହୋଇଥିବା ସ୍ପଷ୍ଟ ହେବାପରେ ଲୋକାୟୁକ୍ତ ଏହାର ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଓଡ଼ିଆ ରାଜ୍ୟ ସି.ଟି., ବି.ଏଡ୍ ତାଲିମପ୍ରାପ୍ତ ଲେଫଟ୍ ଆଉଟ୍ ଗଣଶିକ୍ଷକ ମହାସଂଘର ବିକ୍ଷୋଭ

ଭୁବନେଶ୍ୱର (ପିଏନ୍): ଗତକାଲି ବିଧାନସଭା ସମ୍ମୁଖରେ ଓଡ଼ିଶା ଲେଫଟ୍ ଆଉଟ୍ ଗଣଶିକ୍ଷକ ମହାସଂଘର ବିକ୍ଷୋଭ ଓ ଗଣଧାରଣା ଅନୁଷ୍ଠିତ ହୋଇଯାଇଅଛି। ରାଜ୍ୟରେ ଥିବା ୨୨୫୧୨ଜଣ ଗଣଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କ ନିୟମିତ ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ୪୦୦୦ ଲେଫଟ୍ ଆଉଟ୍ ଗଣଶିକ୍ଷକମାନଙ୍କର ମୁଖ୍ୟ ଅଭିଯୋଗ ହେଉଛି ଯେ, ପତ୍ର ସଂଖ୍ୟା ୨୫୨୯୦, ତା ୨୨.୧୨.୨୦୧୬ରିଖରେ ୧୮୫୬୪ଜଣ ଗଣଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ବିନା ଓ.ଟି.ଇ.ଟି. ଯୋଗ୍ୟତାରେ ନିୟମିତ କରାଯାଇଛି। ସେହିପରି ପତ୍ର ସଂଖ୍ୟା ୭୦୧୨, ତା ୩୧.୦୩.୨୦୧୮ରିଖ ଦିନ ସରକାର ପୁଣି ୪୦୦୦ ଗଣଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ମସିହାରେ ଓ.ଟି.ଇ.ଟି. ଯୋଗ୍ୟତା ବିପକ୍ଷରେ ଓଡ଼ିଶା ବିକାଶ ପରିଷଦ ଦ୍ୱାରା ମାନ୍ୟବର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏଥିପାଇଁ ଆମେ ଉକ୍ତ ୪୦୦୦ ଗଣଶିକ୍ଷକ/ ଶିକ୍ଷୟିତ୍ରୀମାନେ ନିୟମିତ ପ୍ରକ୍ରିୟାରୁ ବଞ୍ଚିତ ହେଲୁ ଏବଂ ତା୧୩.୦୭.୨୦୨୧ରିଖରେ ଓଡ଼ିଶା ବିକାଶ ପରିଷଦ ମାମଲାଟିକୁ ପ୍ରତ୍ୟାହାର କରିନେଇଥିଲେ। ଫଳରେ ତିନୋଟି ଜିଲ୍ଲା ଗଣଶିକ୍ଷକ/ଶିକ୍ଷୟିତ୍ରୀମାନେ ନିୟମିତ ହୋଇପାରିଲେ। କିନ୍ତୁ ଦୁଃଖର ବିଷୟ ମାମଲା ପ୍ରତ୍ୟାହାର ହେଲା ପରେ ମଧ୍ୟ ଆଇନ୍ କାନୁନ୍‌ର ବିଭିନ୍ନ ଆଳ ଦେଖାଇ ସରକାର ଆମକୁ ନିୟମିତ କରୁନାହାଁନ୍ତି ବୋଲି କହିଛନ୍ତି, ମହାସଂଘର ସଭାପତି ସୁଧାଂଶୁ ଶେଖର ବଡୁ। ଆମେ ସବୁ ସି.ଟି., ବି.ଏଡ୍. ତାଲିମପ୍ରାପ୍ତ ହୋଇଥିବା ସହିତ ସମସ୍ତ ତାଲିମ୍ ସମାପ୍ତ କରିଅଛୁ। ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆମେ ୨୦୦୦ଟଙ୍କାରୁ ୭୦୦୦ ଟଙ୍କା ଦରମାରେ ରହି କାମ କରିଆସୁଅଛୁ। ଏ ପରିପ୍ରେକ୍ଷୀରେ ୪୦୦୦ ଗଣଶିକ୍ଷକ ପରିବାର ବହୁ କଷ୍ଟରେ ଜୀବନ ନିର୍ବାହ କରୁଛନ୍ତି, ଯଦ୍ୱାରା ସେମାନଙ୍କର ଆର୍ଥିକ ଓ ମାନସିକ ସ୍ତରରେ ଚାପଗ୍ରସ୍ତ ହୋଇପଡ଼ୁଲେଣି। ସରକାରଙ୍କର ଏ କି ବିଚିତ୍ର ନିୟମ ଜଣାପଡୁନାହିଁ। ଜଣେ ଗଣଶିକ୍ଷକ ଭାବେ ଦିନ ମଜୁରିଆଠାରୁ କମ୍ ଦରମାରେ ପରିବାର ପ୍ରତିପୋଷଣ କରିବା ବହୁ କଷ୍ଟ ହେଉଥିବାରୁ ବାରମ୍ବାର ସରକାରଙ୍କୁ ଦାବିପତ୍ର ଦେଇଆସୁଅଛୁ। ହେଲେ, ସରକାର ଆମ ଦାବି ପ୍ରତି କୌଣସି ଦୃଷ୍ଟି ଦେଉନାହାଁନ୍ତି ବୋଲି କହିଛନ୍ତି ମହାସଂଘର ସାଧାରଣ ସମ୍ପାଦକ ପବିତ୍ର କୁମାର କାର୍ଜି। ଆମର ପ୍ରମୁଖ ଦାବି ହେଲା 'ସମାନ କାମକୁ ସମାନ ଦରମା' ଏବଂ 'ସ୍ଥାୟୀ ନିଯୁକ୍ତି'। ଏଣୁ ମହାସଂଘ ତରଫରୁ ସରକାରଙ୍କୁ ବିନମ୍ର ନିବେଦନ କରାଯାଉଅଛି ଯେ, ପୂର୍ବରୁ ବିନା ଓ.ଟି.ଇ.ଟି. ଯୋଗ୍ୟତାରେ ଯେଉଁଭଳି ୧୮୫୬୪ରୁ ଊର୍ଦ୍ଧ୍ୱ ଗଣଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କୁ ନିୟମିତ କରାଯାଇଛି, ସେହି ଆଧାରରେ ବାକିଥିବା ଆଉ ୪୦୦୦ ସମସ୍ତ ଲେଫଟ୍ ଆଉଟ୍ ଗଣଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ନିୟମିତ କରାଯାଉ ଏବଂ ସମସ୍ତଙ୍କୁ ସମାନ ବେତନ ଦିଆଯାଉ।

ଜିଲ୍ଲା କଂଗ୍ରେସ ତରଫରୁ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ

ରାଉରକେଲା (ପିଏନ୍): ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସମ୍ବିଧାନ ପ୍ରଣେତା ତଥା ଦେଶର ପ୍ରଥମ ଆଇନ୍‌ମନ୍ତ୍ରୀ, ଭାରତରତ୍ନ ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଗତ ୬ ତାରିଖରେ ଜିଲ୍ଲା କଂଗ୍ରେସର ନେତୃବୃନ୍ଦ ତଥା କର୍ମକର୍ତ୍ତାମାନେ ସକାଳ ସାଢେ ୯ଟା ବେଳେ ଉଦିତନଗର ଛକଠାରେ ସମବେତ ହୋଇ ସେଠାରେ ଅବସ୍ଥିତ ଆମ୍ବେଦକରଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ସକାଳ ୧୦ଟା ବେଳେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ବାବାସାହେବଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ କଂଗ୍ରେସ ନେତୃବୃନ୍ଦ ବକ୍ତବ୍ୟ ରଖି ବାବାସାହେବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନୁସୂଚିତ ଜାତି କଂଗ୍ରେସର ରାଜ୍ୟ ସଂଯୋଜକ ପ୍ରଶାନ୍ତ ସେଠୀ ଏହି ଅବସରରେ ବକ୍ତବ୍ୟ ରଖ

ସରକାରୀ କାମରେ ଅବସର କର୍ମଚାରୀଙ୍କୁ ଦାୟିତ୍ୱ ଦେବାକୁ ନେଇ ବିବାଦ

କେନ୍ଦୁଝର,(ପି.ଏନ): ସ୍ଥାନୀୟ ସଂସ୍କୃତି ଭବନ ଠାରେ ଗତ ୨୮ ତାରିଖ ଦିନ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାର ୯ ଗୋଟି ପୌରପରିଷଦର ୫୨ଜଣ ଜଳସାଥିଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର ର ପରିଚାଳନା ଦାୟିତ୍ୱରେ କେନ୍ଦୁଝରଗଡ ପୌରପାଳିକାର କର୍ମଚାରମାନଙ୍କୁ ନିୟୋଜିତ କରାଯାଇଥିଲା। ତେବେ ଗତ ମାର୍ଚ୍ଚ ମାସରେ ଅବସର ନେଇଥିବା କର୍ମଚାରୀ ଶିଶିର ଦାସ ଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଥିଲା। କେନ୍ଦୁଝରଗଡ ପୌରପାଳିକାର ଚିଠି ନଂ ୮୮୭୨ ତା ୨୫/୧୧/୨୦୨୨ରେ ଏହି ଚିଠି କରାଯାଇଥିଲା। ଯାହାକୁ ନେଇ ବିବାଦ ଦେଖାଦେଇଛି। ଅବସରପ୍ରାପ୍ତ କର୍ମଚାରୀଙ୍କୁ କିପରି ଏଭଳି ସରକାରୀ କାର୍ଯ୍ୟକ୍ରମ ପରିଚାଳନାରେ ପୌରପାଳିକା ପକ୍ଷରୁ ନିୟୋଜନ କରାଗଲା ତାହାର ତଦନ୍ତ ହେବା ଜରୁରୀ ବୋଲି ପୂର୍ବତନ ପୌରାଧକ୍ଷ ପ୍ରଭନ ପଟ୍ଟନାୟକ କହିଛନ୍ତି। କେନ୍ଦୁଝରଗଡ ପୌରପାଳିକାର ଅବସରପ୍ରାପ୍ତ କର୍ମଚାରୀ ଶିଶିର ଦାସ ଙ୍କୁ କଲ୍ୟାଣମଣ୍ଡପ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ସରକାରୀ ନୀତିନିୟମ ଉଲଙ୍ଘନ କରି ଅବସରପ୍ରାପ୍ତ କର୍ମଚାରୀଙ୍କୁ କିପରି ସରକାରୀ ଦାୟିତ୍ୱ ଦିଆଯାଉଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ଦାବୀ ହୋଇଛି। ଅବସର ପରେ ଅଫିସ କୁ ଯାଇ ବିଭିନ୍ନ ଫାଇଲପତ୍ର କାମ କରୁଛନ୍ତି। ତାଙ୍କ ସମୟରେ ବହୁ ବେଆଇନ କାମ ହୋଇଥିବାରୁ ସେସବୁର ଯାଂଚ ନକରିବାକୁ ଦାବୀ ହୋଇଆସୁଥିବାବେଳେ ତାହାର ତଦନ୍ତ ନକରି ତାଙ୍କୁ ଅବସର ପରେ ଫାଇଲ କାମ କରିବାକୁ ସୁଯୋଗ ଦିଆଯାଉଥିବାରୁ ବହୁ କାଉନସିଲର ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଭଳି ସାଙ୍ଗାତିକ ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବୀ ହୋଇଛି।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦ୍ରାପଡ଼ା,(ପି.ଏନ):ଜନୈକ ମାନସିକ ଭିନ୍ନକ୍ଷମ ମହିଳାଙ୍କ ନିକଟରୁ ବେଆଇନ ଭାବେ ଜମି କବଳା କରିନେଇ ତାଙ୍କୁ ଘରୁ ବାହାର କରିଦେଇଥିବା ଘଟଣା ବିରୋଧରେ ନ୍ୟାୟ ପ୍ରଦାନ ଦାବିରେ ସଂପୃକ୍ତ ପରିବାର ସହିତ ଗ୍ରାମର ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଡଜରିଆ ଗ୍ରାମର ସ୍ୱର୍ଗତ ଧରଣୀଧର ରାଉଳଙ୍କ ମାନସିକ ଭିନ୍ନକ୍ଷମ ଝିଅ ମାତା ରାଉଳ କରିଥିବା ଅଭିଯୋଗ ଅନୁଯାୟୀ ସେହି ଗ୍ରାମର କେତେକ ଖଳ ପ୍ରକୃତିର ବ୍ୟକ୍ତିମାନେ ତାଙ୍କୁ ଗତ ୨୦୧୮ମସିହାରେ ସବରେଜିଷ୍ଟରଙ୍କ କାର୍ଯ୍ୟାଳୟକୁ ନେଇ ବିନା ଜରସମନରେ ତାଙ୍କ ନାମରେ ଥିବା ଜମିକୁ ରେଜେଷ୍ଟ୍ରି କବଳା କରିନେଇ ଥିଲେ।

୬୦ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠ ଦିବସ ପାଳିତ

ବଲାଙ୍ଗିର, (ପି.ଏନ): ସ୍ଥାନୀୟ ମନୋହରପୁର ପୋଲିସ ପଡିଆ ଠାରେ ଜିଲ୍ଲା ଗୃହରକ୍ଷୀ ବାହିନୀର ୬୦ତମ ବାର୍ଷିକ ଦିବସ ଗୃହରକ୍ଷୀମାନଙ୍କ ଦ୍ୱାରା ପାଳନ କରାଯାଇଅଛି । ବଲାଙ୍ଗିର ଜିଲ୍ଲାର ସମସ୍ତ ୧୮ ଗୋଟି ଥାନାର ଉତ୍ତମ କାର୍ଯ୍ୟ କରିଥିବା ଗୃହରକ୍ଷୀମାନଙ୍କୁ ଏହି ପ୍ରତିଷ୍ଠା ଦିବସରେ ସାମିଲ କରାଯାଇଥିଲା ଏବଂ ଏକ ଉଚ୍ଚ କୋଟିର ପେରେଡ ଅନୁଷ୍ଠିତ ହେଇଥିଲା । ଏଥିରେ ମୁଖ୍ୟ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଏସ୍ ?.ପି. ନିତିନ କୁଶଲକର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପେରେଡ ଅଭିବାଦନ ଗ୍ରହଣ କରିଥିଲେ । ପେରେଡ ପରିଚାଳନା କରିଥିଲା ଜିଲ୍ଲା ଗୃହରକ୍ଷୀ ବାହିନୀ କମ୍ପାନୀ କମାଣ୍ଡର ହେମନ୍ତ କୁମାର ବେହେରା । ସେକେଣ୍ଡ ଇନ୍ କମାଣ୍ଡ ଭାବରେ ୟୁନିଟ କମାଣ୍ଡର ପ୍ରଫୁଲ୍ଲ କୁମାର ବଗର୍ତ୍ତି ଓ ପ୍ଲାଟୁନ କମାଣ୍ଡର ସୁଧିର କୁମାର ଜାଲ, ଟଙ୍କର ସେଠ, ହେଟକ୍ୱାଟର ପ୍ଲାଟୁନ କମାଣ୍ଡର ଗୁଲାପ ସାହୁ ଟିଟିଲାଗଡ, ପ୍ଲାଟୁନ କମାଣ୍ଡର ଦିନବନ୍ଧୁ ନାଏକ ପାଟଣାଗଡ ପ୍ରମୁଖ ପ୍ଲାଟୁନ ଦାୟିତ୍ୱରେ ରହି ପେରେଡ କାର୍ଯ୍ୟ ନିର୍ବାହ କରିଥିଲେ । ଗୃହରକ୍ଷୀ ମାନଙ୍କର ଉଲ୍ଲେଖନୀୟ ସେବା ଓ ଉତ୍ତମ କାର୍ଯ୍ୟ ସଂପାଦନ ଦିଗରେ ଥାନାନଙ୍କରେ କାର୍ଯ୍ୟ ନିର୍ବାହ କରୁଥିବା ବିଭିନ୍ନ ଥାନାର ଗୃହରକ୍ଷୀମାନଙ୍କୁ ମାନ୍ୟବର ଏସ୍ ?ପି ଆର୍ଥିକ ଅର୍ଥ ରାଶି ରେ ପୁରସ୍କାର କରିବା ସହ ମାନପତ୍ର ପ୍ରଦାନ କରି ବଲାଙ୍ଗିର ଜିଲ୍ଲାର ଗୃହରକ୍ଷୀମାନଙ୍କ କାର୍ଯ୍ୟକଳାପ ଉପରେ ବିଶେଷ ସନ୍ତୋଷ ପ୍ରକଟ କରି ମହାମାରୀ କରୋନା ଭଳି ସମୟରେ କୋଭିଡ ଯୋଦ୍ଧାଭାବରେ କାର୍ଯ୍ୟ ନିର୍ବାହ କରିଥିବା ତଥା ବଲାଙ୍ଗିର ଜିଲ୍ଲାରେ ହେବାକୁ ଯାଉଥିବା ରାଜ୍ୟ ସରକାରଙ୍କର ବୃହତ ପ୍ରକଳ୍ପ ଲୋୟର ସୁକତେଲ କାର୍ଯ୍ୟରେ ଗୃହରକ୍ଷୀମାନଙ୍କ କାର୍ଯ୍ୟ ଦକ୍ଷତା ର ବିଶେଷ ପ୍ରଶଂସା କରିଥିଲେ ଓ ବଲାଙ୍ଗିର ଜିଲ୍ଲା ଗୃହରକ୍ଷୀମାନଙ୍କ ପରିବାର ଗୁଡିକର ମଙ୍ଗଳ କମନା କରିବା ସହ ଆହୁରି ଆଗ୍ରହ ସହକାରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ । ରାତ୍ର ପେଟ୍ରୋଲିଂ, ଟ୍ରାଫିକ୍ ଡ୍ୟୁଟି ର ସମ୍ପୂର୍ଣ୍ଣ ଦାୟିତ୍ୱ ହୋମଗାର୍ଡମାନଙ୍କ ଦ୍ୱାରା ହେଉଥିବା ବିଷୟ ମଧ୍ୟ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରି ହୋମଗାର୍ଡମାନଙ୍କ ମନୋବଳ କୁ ଆହୁରି ସୁଦୃଢ କରିଥିଲେ ।ଗୃହରକ୍ଷୀମାନେ ଉଲ୍ଲେଖନୀୟ ସେବା ହେତୁ ପୁରସ୍କାର ପ୍ରାପ୍ତ ହୋମଗାର୍ଡ ରାମ କୁମାର ସେଠ ବଲାଙ୍ଗିର ଟାଉନ, ବୈକୁଣ୍ଠ ସଦର ଲାଠୋର ଥାନା, ଗୌର ସେଠ ଦେଓଗାଁ ଥାନା, ଭୋଳାନାଥ ପ୍ରଧାନ ତୁଷୁରା ଥାନା, ହେମସାଗର ବାଗ ବେଲପଡା ଡାନା, ହେମନ୍ତ ବାରିକ ଓ ବୃନ୍ଦାବନ ପାଣ୍ଡେ ଲରମ୍ଭା ଥାନା, ପର୍ଶୁରାମ ବେହେରା ବଙ୍ଗୋମୁଣ୍ଡା ଥାନା, କାର୍ତ୍ତିକ ପଟେଲ ସଦର ଥାନା, ଗୌତମ ଲୁହା ଡୁରେକେଲା ଥାନା ଏବଂ ବଲାଙ୍ଗିର ହେଡ୍ ?କ୍ୱାଟର ଅଧିନସ୍ଥ ପ୍ଲାଟୁନ କମାଣ୍ଡର ପ୍ରଫୁଲ୍ଲ କୁମାର ବଗର୍ତ୍ତି, ଟଙ୍କଧର ସେଠ, ସୁଧିର କୁମାର ଜାଲ ଓ କମ୍ପାନୀ କମାଣ୍ଡର ହେମନ୍ତ କୁମାର ବେହେରାଙ୍କ ସ୍ୱତନ୍ତ୍ର ଭାବରେ ମାନପତ୍ର ତଥା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ର, ହୋମ ମିନିଷ୍ଟର, ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଓ ଗୃହରକ୍ଷୀ ଅଗ୍ନିଶମ ତଥା ସିଭିଲ ଡିଫେନ୍ସ ମହାନିର୍ଦ୍ଦେଶକଙ୍କ ଠାରୁ ଗୃହରକ୍ଷୀ ଦିବସ ଉପଲକ୍ଷେ ଆସିଥିବା ବାର୍ତ୍ତା ମୁଖ୍ୟ ଅତିଥି ଜିଲ୍ଲା ଏସ୍ପି ନିତିନ କୁଶଲକର ପଠନ କରିଥିଲେ ଓ ଏହି ୬୦ ତମ ଜିଲ୍ଲା ଗୃହରକ୍ଷୀ ବାହିନିର ପ୍ରତିଷ୍ଠା ଦିବସର ସମସ୍ତ କାର୍ଯ୍ୟ କୁମୁଦ ସେଠ ଆସିଷ୍ଟାଣ୍ଟ କମାଣ୍ଡର ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୋଇଥିଲା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ମାନ୍ୟଗନ୍ୟ ବ୍ୟକ୍ତି ବିଶେଷଙ୍କ ସହିତ ସାମ୍ବାଦିକ ଓ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଯୋଗ ଦେଇ ଜିଲ୍ଲା ଗୃହରକ୍ଷୀ ବାହିନୀର ପ୍ରଶଂସା କରିଥିଲେ ।

ଆଠ ଦଫା ଦାବି ଜଣାଇଲା ମାଧ୍ୟମିକ ଶିକ୍ଷକ ସଂଘ

ଚମ୍ପୁଆ,(ପି.ଏନ): ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଚମ୍ପୁଆ ପକ୍ଷରୁ ସଂପାଦକ ମନରଂଜନ ମହାନ୍ତଙ୍କ ନେତୃତ୍ୱରେ ଶିକ୍ଷକ ମାନେ ରାଜ୍ୟ ସରକାର, ବିଭାଗିୟ ମନ୍ତ୍ରୀ ଓ ଅର୍ଥ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଠ ଦଫା ସମ୍ବଳିତ ଦାବି ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀ ଙ୍କୁ ପ୍ରଦାନ କରିଛନ୍ତି। ଶିକ୍ଷକଙ୍କୁ ସପ୍ତମ ବେତନ କମିସନ ସୁବିଧା ପ୍ରଦାନ। ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା, ଚାକିରୀ ସର୍ତ୍ତାବଳି ଲାଗୁ କରିବା, ଚାକିରୀ ବୟସ ସୀମା ୬୦ ରୁ ୬୨ ବର୍ଷ କୁ ବୃଦ୍ଧି କରିବା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କ ଦାବୀ ପୂରଣ କରାଯାଉ, ଅବସର କାଳିନ ସୁବିଧା, ସମସ୍ତ ସ୍କୁଲ ଓ କଲେଜ ଭଳି ଶିକ୍ଷକଙ୍କୁ ସୁବିଧା ପ୍ରଦାନ ଆଦି ଦାବି କରାଯାଇଥିଲା। ଶିକ୍ଷକ ମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଁଚି ସମ୍ମୁଖିନ ହୋଉଥିବା ସମସ୍ୟା ସମ୍ବନ୍ଧରେ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ ଙ୍କ ସହ ଆଲୋଚନା କରିବା ପରେ ଏହି ଦାୟୀ ପତ୍ର ପ୍ରଦାନ କରିଥିଲେ।

ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହ ଆନୁକୁଲ୍ୟରେ ଏମ୍.ଏସ୍.ଏମ୍.ଇ.ରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧୀୟ ଏକ ଦିବସୀୟ ସମ୍ମିଳନୀ

ଭୁବନେଶ୍ୱର,(ପି.ଏନ): ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଓ ଓଡ଼ିଶାର କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହ ଆନୁକୁଲ୍ୟରେ ମଧ୍ୟ କ୍ଷୁଦ୍ର ଓ ଲଘୁ ଓ ଅଣୁ ସଂସ୍ଥାରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧରେ ଏକ ଆଲୋଚନା ଚକ୍ର ହୋଲେ ଗ୍ରାଣ୍ଡ ସେଂଟ୍ରାଲରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ମଜଦୁର କଂଗ୍ରେସର ସଭାପତି ତଥା ପ୍ରାକ୍ତନ ସାଂସଦ ପୌରହିତ କରିଥିଲେ। ସେ ତାଙ୍କ ଅଭିଭାଷଣରେ କେନ୍ଦ୍ର ସରକାର ଶ୍ରମିକ ମାନଙ୍କର ଶ୍ରମିକ ମାନଙ୍କ ନିମିତ ଉର୍ଦ୍ଧିଷ୍ଟ ଆଇ.ଏଲ.ଓ କନ୍‌ଭେନସନକୁ ମାନୁନାହାନ୍ତି। ଯାହାଦ୍ୱାରା ସାରା ଦେଶରେ ଶ୍ରମିକ ମାନେ ଅନେକ କ୍ଷେତ୍ରରେ ସୁରକ୍ଷା ଅଭାବରୁ ଜୀବନ ହରାଉଛନ୍ତି। ସ୍ୱାସ୍ଥ୍ୟ ହିଁ ସମ୍ପଦ ଉକ୍ତିକୁ କେନ୍ଦ୍ର ସରକାର ବେଖାତିର କରୁଛନ୍ତି। ବିଶେଷକରି ଏମ୍.ଏସ୍. ଏମ୍.ଇ. କ୍ଷେତ୍ରରେ କାର୍ଯ୍ୟରତ ଅଧିକାଂଶ ଶ୍ରମିକ ଅଶିକ୍ଷିତ ଓ ଅଣକୁଶଳୀ ଅଟନ୍ତି। ସେମାନଙ୍କୁ ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧରେ ସ୍ୱାକ୍ଷରତ କରିବା ସମେତ ସ୍ୱାସ୍ଥ୍ୟ ସୁରକ୍ଷାର ଉପଯୁକ୍ତ ବ୍ୟବସ୍ଥା କରିବା ଦରକାର। ବିଗତ ମହାମାରି କରୋନା ସମୟରେ ଲକ୍ଷ ଲକ୍ଷ ଶ୍ରମିକ ପ୍ରାଣ ହରାଇଥିଲେ ବି ସେମାନଙ୍କ ପରିବାର ପାଇଁ କୌଣସି ସାମାଜିକ୍ ସୁରକ୍ଷାର ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ସରକାର ଏମ୍.ଏସ୍.ଏମ୍.ଇକୁ ଯେଉଁ ଭାବରେ ପ୍ରାଧାନ୍ୟ ଦେଉଛନ୍ତି ଅନୁରୂପ ଭାବରେ ସେହି ଶ୍ରମିକମାନଙ୍କୁ ସର୍ବନିମ୍ନ ଦରମା, ଉପଯୁକ୍ତ କର୍ମସ୍ଥଳି ଓ ସେମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ଦରକାର। ସରକାର ସର୍ବନିମ୍ନ ମଜୁରୀ ଏବଂ ସ୍ଥାୟୀ ନିଯୁକ୍ତିରୁ ଦୂରେଇ ଯିବା ଉଦ୍ୟଶରେ କାରଖାନା ମାନଙ୍କରେ ଆପ୍ରେଂଟିସ୍ ବର୍ଷ ବର୍ଷ ଦରି ମାତ୍ର ୬ ହଜାର ରୁ ୭ ହଜାର ଟଙ୍କାରେ ନିଯୁକ୍ତି ଦେଉଛନ୍ତି।

ସିପିଆଇ ପକ୍ଷରୁ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ

ଜୟପୁର, (ପି.ଏନ): ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଭାରତ ବର୍ଷର ମହାନ୍ ସମ୍ବିଧାନ ପ୍ରଣେତା ଦଳିତ ନିଷ୍ପେଷିତ ଶ୍ରମିକ ମହିଳାମାନଙ୍କର ସ୍ୱର ବାବା ସାହେବ ଭୀମରାଓ ରାମଜୀ ଆମ୍ବେଦକର ଙ୍କ ମହାପରିନିର୍ବାଣ ଦିବସ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଜି ର ଦିନ ରେ ୧୯୫୬ ମସିହାରେ ବାବା ସାହେବ ଙ୍କ ମୃତ୍ୟୁ ଘଟିଥିଲା । ତାଙ୍କରି ସ୍ମୃତିରେ ଫୋଟୋ ଚିତ୍ର ରେ ପୁଷ୍ପାଞ୍ଜଳି ପ୍ରଦାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାକୁ ସମ୍ବୋଧିତ କରି ଶ୍ରମିକ ନେତା ତଥା ରାଜ୍ୟ କମିଟି ସଭ୍ୟ ଶ୍ରୀ ପ୍ରମୋଦ କୁମାର ମହାନ୍ତି କହିଥିଲେ ଯେ ସାଧାରଣ ମଣିଷ ର ଅଧିକାର ପାଇଁ ସମ୍ବିଧାନ ରେ ଯାହା ଉଲ୍ଲେଖ ଅଛି ତାକୁ ଲୋକଙ୍କ ପାଖରେ ପହଂଚାଇବାକୁ ସମସ୍ତେ ଉଦ୍ୟମ କରିବା ସମୟର ଆହ୍ୱାନ । ସମ୍ବିଧାନ କ'ଣ ଜାଣିଲେ ହିଁ ସମ୍ବିଧାନକୁ ରକ୍ଷା କରିବା ପାଇଁ ଜନସାଧାରଣ ଙ୍କ ଭିତରୁ ଆନ୍ଦୋଳନ ର ଧାରା ଆସିବ । ସମ୍ବିଧାନ ର ମୌଳିକ ଭିତିଭୂମି ଉପରେ ମୋଦୀ ସରକାର ଶାସନକୁ ଆସିବା ପରଠାରୁ ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷ ରେ ହେଉ ଆକ୍ରମଣ ଚାଲିଛି । ବିବିଧତା ଭିତରେ ଏକତାର ଯେଉଁ ପରିଭାଷା ସମ୍ବିଧାନ ରେ ପ୍ରତିଫଳିତ ହୋଇଛି ତାକୁ ନଷ୍ଟ କରି ଏକକ ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ଉଦ୍ୟମ ଏ ଦେଶର ଐକ୍ୟ ଅଖଣ୍ଡତା ଓ ସଂହତି କୁ ନଷ୍ଟ କରିବ । ଏଣୁ ସମ୍ବିଧାନ ବଂଚାଅ ଆନ୍ଦୋଳନ ସହ ଦେଶରେ ଯେଉଁ ଭଳି ଭାବେ ଘୃଣା ବିଦ୍ୱେଷ ରାଜନିତୀ ବୃଦ୍ଧି ପାଇଛି ତା ବିରୁଦ୍ଧରେ ସଚେତନତା ସୃଷ୍ଟି କରିବାକୁ ହେବ । ଆଜିର ଦିନରେ ୧୯୯୨ ରେ ଆର୍ ଏସ୍ ଏସ୍ ନିର୍ଦ୍ଦେଶନାରେ ପରିଚାଳିତ ସାମ୍ପ୍ରଦାୟିକ ଶକ୍ତି ମାନେ ବାବ୍ରୀ ମସଜିଦ କୁ ସୁପ୍ରିମକୋର୍ଟ ରେ ସୁରକ୍ଷା ଦେବା ପାଇଁ ଶପଥ ପାଠ କରିବା ପରେ ମଧ୍ୟ ଭାଙ୍ଗି ଭାରତବର୍ଷ ର ବକ୍ଷରେ ଆଘାତ ଆଣିଥିଲେ । ସମ୍ବିଧାନ ରେ ପ୍ରଦତ ଅଧିକାର ଯଥା ସମସ୍ତ ଙ୍କୁ ଶିକ୍ଷା, ନିଯୁକ୍ତି , ଦରଦାମ୍ ବୃଦ୍ଧି ବିରୁଦ୍ଧରେ, ଶ୍ରମ ଆଇନ ସଂଶୋଧନ, ରାଷ୍ଟ୍ରୀୟ ସମ୍ପଦ ବିକ୍ରି ବିରୁଦ୍ଧରେ ନିରନ୍ତର ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ।

ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ଚମ୍ପୁଆ,(ପି.ଏନ): ସମଗ୍ର ଶିକ୍ଷା କେନ୍ଦୁଝର ଅନୁକୁଲ୍ୟରେ ଚମ୍ପୁଆ ବ୍ଲକ ଶିକ୍ଷା ବଭାଗର ପ୍ରତ୍ୟକ୍ଷ ତଥାବଧାନରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସ୍ଥାନିୟ ବି.ଆର.ସି ସଭା ଗୃହଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଚମ୍ପୁଆ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୮୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଓ ଅବିଭାବକ ଯୋଗ ଦେଇଥିଲେ। ଭିନ୍ନକ୍ଷମ ମାନେ ସମାଜରେ ଅବହେଳିତ ନୁହଁନ୍ତି ସାମାଜିକ ସ୍ରୋତରେ ଏମାନେ ବି ସାମିଲ ହୋଇ ପାର ପଙ୍ଗୁ ଲଂଘୟତେ ଗିର ବୋଲ ପ୍ରମାଣ କରି ପାରିବେ। ଏହି ପରିପେକ୍ଷୀରେ ବି.ଆର.ଟି ସରୋଜ କୁମାର ଦାସଙ୍କ ତତ୍ୱାବଧାନରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଏକ ଶୋଭା ଯାତ୍ରା ସଚେତନକ ମୂଳକ ବାର୍ତା ନେଇ ସହର ପରିକ୍ରମା କରିଥିଲା। ଅନ୍ୟ ପକ୍ଷରେ ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକଙ୍କ ଦ୍ୱାରା ଭିନ୍ନକ୍ଷମ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କ ନମନ୍ତେ ଉଦ୍ଦିଷ୍ଟ ତାଲିମ, ଥେରାପି ଓ ପରାମର୍ଶ ପାଇଁ ସ୍ଥାପନ କରାଯାଇଥିବା ଅନ୍ତର୍ନିବେଶି ଶିକ୍ଷା ସାଧନ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବି.ଆର.ସି କ୍ଷୀରୋଦମଣୀ ମହାନ୍ତ, ବି.ଆର.ଟି ତପସ୍ୱିନୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Thursday December 08, 2022 ଭୁବନେଶ୍ୱର ଗୁରୁବାର, ଡିସେମ୍ବର ୦୮,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ଇଫକୋ ପାରାଦୀପ ୟୁନିଟ୍‌କୁ ଫାଇ ଦ୍ୱାରା ଦୁଇଟି ମର୍ଜ୍ୟାଦାଜନକ ପୁରସ୍କାର

ପାରାଦୀପ,(ପି.ଏନ): ଶ୍ରେଷ୍ଠ ଉତ୍ପାଦକ ଓ ଶ୍ରେଷ୍ଠ ପରିବେଶ ସୁରକ୍ଷା ଦୁଇଟି କ୍ଷେତ୍ରରେ ଇଫକୋ ପାରାଦୀପ ୟୁନିଟ୍‌କୁ ଫର୍ଟିଲାଇଜର୍ ଆସୋସିଏସନ୍ ଅଫ ଇଣ୍ଡିଆ(ଫାଇ) ପକ୍ଷରୁ ଆୟୋଜିତ ବାର୍ଷିକ ସମାବେଶ-୨୦୨୨ରେ ପ୍ରଦାନ କରାଯାଇଛି । ଶ୍ରେଷ୍ଠ ଉତ୍ପାଦକ ବର୍ଗରେ ଇଫକୋର ନିର୍ଦ୍ଦେଶକ ତଥା ୟୁନିଟ୍ ହେଡ୍ କେ.ଜେ.ପଟେଲ କେନ୍ଦ୍ର ସାର ଓ ରସାୟନ ବିଭାଗ ମନ୍ତ୍ରୀ ମନସୁଖ ମଣ୍ଡଭିୟାଙ୍କ ଠାରୁ ଗ୍ରହଣ କରିଛନ୍ତି । ବୁଧବାର ଦିନ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଫାଇର ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ ଏହି ମର୍ଜ୍ୟାଦାଜନକ ପୁରସ୍କାର ପ୍ରଦାନ କରିଥିଲେ । ଏହି ସମାରୋହରେ ଅନ୍ୟତମ ପୁରସ୍କାର ଶ୍ରେଷ୍ଠ ପରିବେଶ ସୁରକ୍ଷା ଶିଳ୍ପ ସଂସ୍ଥା ଭାବେ ଇଫକୋ ପାରାଦୀପ ୟୁନିଟ୍ କୁ ମିଳିଛି । ଇଫକୋ ପାରାଦୀପ ୟୁନିଟ୍‌ର ସାଧାରଣ ପ୍ରବନ୍ଧକ ଆର.କେ.ପାଣ୍ଡେ ଏହି ପୁରସ୍କାର ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ଗ୍ରହଣ କରିଥିଲେ । ଭାରତ ସରକାରଙ୍କ ସାର ବିଭାଗର ସଚୀବ ଅରୁଣ ସିଙ୍ଗାଲ,ଫାଇ ର ଅଧ୍ୟକ୍ଷ କେ.ଏସ୍.ରାଜୁ ମଂଚରେ ଉପସ୍ଥିତ ଥିଲେ । ଇଫକୋ ପାରାଦିପ ୟୁନିଟ୍ ସବୁବେଳେ ନିଜର ସ୍ୱାତନ୍ତ୍ରତା ପ୍ରଦର୍ଶନ କରିଆସିଛି । କାରାଖାନା ପରିବେଶର ସୁରକ୍ଷା ତଥା ସାର ଉତ୍ପାଦନ କ୍ଷେତ୍ରରେ ଇଫକୋ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଆସିଛି । କୋଭିଡ୍ ମହାମାରୀ ସମୟରେ ସାରର ଅଭାବୀ ଥିବା ସମୟରେ ଇଫକୋ କୃଷକମାନଙ୍କ ନିମନ୍ତେ ସାର ଉତ୍ପାଦନ କରି କୃଷକମାନଙ୍କ ସହିତ ରହିଆସିଛି । ଏହି ସମୟରେ ଆବଶ୍ୟକ ଅକ୍ସିଜେନ୍ ସମଗ୍ର ଦେଶକୁ ଯୋଗାଇ ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହାର ପରିଚାଳନା ନିର୍ଦ୍ଦେଶକ ଦୂରଦୃଷ୍ଟି ସମ୍ପନ୍ନ ଡ. ଉଦୟ ଶଙ୍କର ଅଗସ୍ତିଙ୍କ ଦୃଢ ତଥା ପ୍ରଶାସନିକ ଦକ୍ଷତା, ଏବଂ ୬୦ ବର୍ଷର ନିଷ୍କାମ ସେବା ଯୋଗୁଁ ଇଫକୋ ସମଗ୍ର ବିଶ୍ୱରେ ବୃହତମ ସମବାୟ ସଂସ୍ଥା ଭାବେ ସୁନାମ ଅର୍ଜନ କରି ପାରିଛି ।

ସିପିଆଇ ତରଫରୁ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରିଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର,(ପି.ଏନ): କୋରାପୁଟ ଜିଲା ସିପିଆଇ ତରଫରୁ ଜୟପୁର ପୌର କାର୍ଯ୍ୟନିବାହୀ ଅଧିକାରିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜୟପୁର ପୌରପାଳିକା ଅଧିନସ୍ଥ ୨୮ ଟି ୱାର୍ଡର ଜନସାଧାରଣଙ୍କ ସମସ୍ୟା ବୁଝିବା ସହିତ ତାହାର ସମାଧାନ କରିବା ଦିଗରେ ପଦକ୍ଷେପ ନେବା ପାଇଁ କାଉନସିଲର ମାନେ ପ୍ରତ୍ୟେକ ୱାର୍ଡ ସାତ ଦିନକୁ ଥରେ ଓ ଉପାଧ୍ୟକ୍ଷ ୧୫ ଦିନରେ ଥରେ ତା ସହ ଅଧ୍ୟକ୍ଷ ପ୍ରତ୍ୟେକ ମାସରେ ୱାର୍ଡ ପରିଦର୍ଶନ କରିବା ପାଇଁ ଅନୁରୋଧ କରାଯାଇଛି । ପୂର୍ବରୁ ଘର ଘର ବୁଲି ଆଧାର କାର୍ଡ ଏବଂ ମୋବାଇଲ ଲିଙ୍କ କରିବା ପାଇଁ ଯେଉଁଭଳି ଭାବରେ ଅଙ୍ଗନବାଡୀ କର୍ମୀ ମାନେ ବୁଲୁଥିଲେ ସେହିଭଳି ବର୍ତମାନ ବିଭିନ୍ନ ଜାଗାରେ ସେଂଟର ନକରି ପ୍ରତ୍ୟେକ ୱାର୍ଡରେ ଘର ଘର ବୁଲି ସ୍ମାର୍ଟ କାର୍ଡ ଦେବାର ବ୍ୟବସ୍ଥା କରାଯାଉ, କାରଣ ସାଧାରଣ ଲୋକେ ସେଂଟର ମାନଙ୍କୁ ଯାଇ କାମଧନ୍ଦା ବନ୍ଦ କରି ହଇରାଣ, ହରକତ ହେଉଥିବାର ଅଭିଯୋଗ ହୋଇଛି । ଏହାକୁ ତୁରନ୍ତ କାର୍ଯ୍ୟକାରି କରିବାକୁ ବିହୀତ ପଦକ୍ଷେପ ନିଆଯାଉ ।

ବି.ବି. ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,(ପି.ଏନ): ବାଇଗଣବାଡିଆସ୍ଥିତ ବି.ବି. ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ସଭାପତି ଭାବେ ଅଧ୍ୟକ୍ଷ ଡ. ଯତୀନ୍ଦ ନାଥ ସିଂଦେବ ସଜ୍ଞାନ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜ ଜୀବନରେ ସଫଳତାର ପାଦଦେଶରେ ପହଞ୍ଚିବାର ମାର୍ଗ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ବିଭାଗୀୟ ମୁଖ୍ୟ ପ୍ରଧାପକ ଡ. ବିଜୟ କୁମାର ମହାନ୍ତ ବିଭାଗର ତଥା ପଦାର୍ଥର ବିଜ୍ଞାନରେ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ବିଭାଗୀୟ ପ୍ରଧାପକ ଶ୍ରୀ ସୁବତ୍ର କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ବିଭାଗୀୟ ପ୍ରଧାପକ ସୁଶ୍ରୀ ଇପ୍‌ସିତା ପରିଡା ନବାଗତ ଛାତ୍ରଛାତ୍ରୀଙ୍କର ଉନ୍ନତି କାମନା କରିଥିଲେ । ବିଭାଗୀୟ Demonstrator ଶ୍ରୀ କ୍ଷୀତିଶ ଚନ୍ଦ୍ର ମହାନ୍ତ ଚକ୍ଷସଷ୍ପଙ୍କ ମାଧ୍ୟମରେ ରଚିତ ଗଠନ ବିଷୟରେ ଆଲୋକପାତ କରିଥିଲେ । ଶେଷରେ ଶ୍ରୀ ସୁଜୀତ୍ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ପୁରୁଷୋତମପୁର ବ୍ଲକ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ

ଗଂଜାମ, (ପି.ଏନ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଶିକ୍ଷା ବିଭାଗ ତରଫରୁ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ । ଏହା ସହିତ ତହସିଲଦାର ସନ୍ତୋଷ କୁମାର ସାହୁଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଡ଼ିଓ ବିଜୟ କୁମାର ବେହେରା, ସମ୍ମାନିତ ଅତିଥି ଶ୍ରୀମତି ପ୍ରିୟଙ୍କା ଗୌଡ଼ ଯୋଗଦେଇ ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ମଂଚାସିନ ଅତିଥି ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ ।ଏହି ବିଜ୍ଞାନ ପ୍ରଦର୍ଶନୀ ମେଳାରେ ବ୍ଲକର ବିଭିନ୍ନ ସ୍କୁଲ ଛାତ୍ର ଛାତ୍ରୀ ମାନେ ବିଜ୍ଞାନ କଳାକୁ ନିଜ ହାତରେ ନିର୍ମାଣ କରି ପ୍ରଦର୍ଶନ କରିଥିବାରୁ ଛାତ୍ର ଛାତ୍ରୀଙ୍କୁ ଆର୍ଶୀବାଦ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀଙ୍କ ଉତରତୋର ଉନ୍ନତି ହୋଉ ବୋଲି ଭଗବାନ ସେମାନଙ୍କ ଉପରେ କୃପା କରନ୍ତୁ ବୋଲି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ଲକ ଅଧିକାରୀ ସିତାରାମ ପଣ୍ଡା, ବିଆରସିସି ବୀର ବେହେରା, ପ୍ରଧାନଶିକ୍ଷକ ଯୁଧିଷ୍ଠିର ସାହୁ, ସମସ୍ତ ସିଆରସିସି ରବି ବେହେରା, କିଶୋର ପଣ୍ଡା ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

ପୋଷ୍ଟ ଅଫିସରେ ଖାତାଧିକରୀଙ୍କ ଜମା ଟଙ୍କା ହଡ଼ପ କରିଥିବା ଲଙ୍ଗଳେଶ୍ୱର ପୋଷ୍ଟ ମାଷ୍ଟର ଶ୍ରୀ ପ୍ରିୟନାଥ ଦାସଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ

ବାଲେଶ୍ୱର,(ପି.ଏନ) : ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ବାଲେଶ୍ୱର ମୂଖ୍ୟ ଦଣ୍ଡାଧିକାରୀ (C.J.M. ଚିପ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ) ଆସାମୀଙ୍କୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡାଦେଶ କରିଅଛନ୍ତି । ଘଟଣାରୁ ପ୍ରକାଶ ଯେ ଗତ ତା.୧୮.୦୫.୦୬ ରିଖରେ ପୋଷ୍ଟାଲ ଇନିସ୍‌ପେକ୍ଟର, ଜଳେଶ୍ୱରର ଶ୍ରୀ ସର୍ବେଶ୍ୱର ବଳିୟାର ସିଂହଙ୍କ ଅଭିଯୋଗ କ୍ରମେ ସିଂଲା ଥାନାରେ ଆସାମୀ ପ୍ରିୟନାଥ ଦାସ ପୋଷ୍ଟମାଷ୍ଟର ଲଙ୍ଗଳେଶ୍ୱରଙ୍କ ନାମରେ ଫୌଜଦାରୀ ଦଣ୍ଡବିଧି ଆଇନର ଦଫା ୪୬୭/୪୬୮/୪୨୦ ଅନୁସାରେ ସିଂଲା ଥାନା କେଶ ନଂ-୪୩(୪), ତା.୧୮.୦୫.୨୦୦୬ ରିଖ ରୁଜୁ ହୋଇ ଥିଲା । ଏହି କେଶର ତଦନ୍ତ ହୋଇ ବାଲେଶ୍ୱର C.J.M. କୋର୍ଟରେ ଉ.ଞ.ଉବଷ୍ମର-୮୯୯/୦୬ ହୋଇ ବିଚାର ହୋଇଥିଲା ଉକ୍ତ ବିଚାରରେ ୧୨ ଜଣ ସାକ୍ଷୀ ଓ ପୁଲିସର ତଦନ୍ତ କାଗଜାତ ଆଦିକୁ ବିଚାର କରି ଆଜି ତା.୦୭.୧୨.୨୦୨୨ରିଖରେ ମୂଖ୍ୟ ଦଣ୍ଡାଧିକାରୀ C.J.M. ଲଳିତା ମଞ୍ଜରୀ ପଟ୍ଟନାୟକ ଆସାମୀ ଶ୍ରୀ ପ୍ରିୟନାଥ ଦାସଙ୍କୁ ଦଫା ୪୬୭ IPC ଅନୁସାରେ ୧ ବର୍ଷ ଜେଲ ଓ ଏକ ହଜାର ଟଙ୍କା ଜରିମାନା, ଦଫା ୪୬୮ IPC ଅନୁସାରେ ୧ବର୍ଷ ଜେଲ ଓ ଏକ ହଜାର ଟଙ୍କା ଜରିମାନା ଓ ଦଫା ୪୦୯ IPC ଅନୁସାରେ ୩ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଅଛନ୍ତି । ଜରିମାନା ଅନାଦେୟ ୧ମାସ ଲେଖାଏଁ ଅତିରିକ୍ତ ଜେଲ ଦଣ୍ଡରେ ଦଣ୍ଡିତ କରିଅଛନ୍ତି । ପ୍ରକାଶଯୋଗ୍ୟ କି ଉକ୍ତ ଆସାମୀ ଲଙ୍ଗଳେଶ୍ୱର ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ଥିବା ସମୟରେ ବିଭିନ୍ନ ଲୋକଙ୍କ ନାମରେ ନିଜେ Withdrawal ର ଜାଲ ଦସ୍ତଖତ କରି ମୋଟ ୫୨,୨୦୦ ଟଙ୍କା ହଡ଼ପ କରିଥିଲେ । ଉକ୍ତ ପୋଷ୍ଟାଲ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀଙ୍କ ତଦନ୍ତ ପରେ, ଜଳେଶ୍ୱର ଜୋନର ଉପରିସ୍ତ ଅଧିକାରୀଙ୍କ ଏତଲା କ୍ରମେ କେଶ୍ ରୁଜୁ ହୋଇ ଆଜି ବିଚାର ଶେଷ ହୋଇ C.J.M. ମାଡ଼ାମ ଉକ୍ତ ଦଣ୍ଡାଦେଶ ଘୋଷଣା କରିଅଛନ୍ତି । ଉକ୍ତ କେଶରେ ସରକାରଙ୍କ ତରଫରୁ ସରକାରୀ ଓକିଲ ଶ୍ରୀ ପ୍ରଭାତ କୁମାର ଦାସ କେଶ ପରିଚାଳନା କରୁଥିବା ସମୟରେ ମୁଦାଲାଙ୍କ ତରଫରୁ ଓକିଲ ଶ୍ରୀ ରଘୁନାଥ ପ୍ରଧାନ ଓ ଶ୍ରୀ ବାଦଲ କୁମାର ବେହେରା କେଶ ପରିଚାଳନା କରୁଥିଲେ ।

କନ୍ଧମାଳର ତିନି ଜଣ ବିଶିଷ୍ଟ ସାହିତ୍ୟିକ ପାଇଲେ ବିଶ୍ୱନୟନ ସମ୍ମାନ

କନ୍ଧମାଳ, (ପି.ଏନ): ଓଡ଼ିଶାର ଆଧ୍ୟାତ୍ମିକ ତଥା ସାମାଜିକ ସଂଗଠନ ଶ୍ରୀ ବିଶ୍ୱନୟନ ଐଶ୍ୱରୀୟ ଟ୍ରଷ୍ଟ, ପୁରୀ ତରଫରୁ ଏବଂ ବିଶ୍ୱନୟନ ଓ ବିଶ୍ୱେଶ୍ୱରୀ ସାହିତ୍ୟ ପତ୍ରିକା ସୌଜନ୍ୟରେ ରାଜ୍ୟ ସ୍ତରୀୟ କବି ଲେଖକ ସମାବେଶ ଏବଂ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କନ୍ଧମାଳର ବରିଷ୍ଠ ସାହିତ୍ୟିକ ମାନେ ସମର୍ଦ୍ଧିତ ହୋଇଥିଲେ । କନ୍ଧମାଳର ବରିଷ୍ଠ ସାହିତ୍ୟିକ ତଥା ସମାଜସେବୀ ଡ଼ଃ ନୃସିଂହାନନ୍ଦ ମହାପାତ୍ରଙ୍କୁ କବିରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା ବେଳେ ଶିଶୁ ସାହିତ୍ୟିକ, ସଂଗଠକ, ଶିକ୍ଷାବିତ ତଥା ମଂଚ ସଂଚାଳକ କୈଳାଶ ଚନ୍ଦ୍ର ଧଳଙ୍କୁ ବିଶ୍ୱନୟନ ଶିଶୁ ସମ୍ମାନ, ରାଇକିଆ ଅଂଚଳର କବି ଓ ଶିକ୍ଷାବିତ ଶୀତୁ ପ୍ରକାଶ ରଥ ଙ୍କୁ ବିଶ୍ୱନାୟନ କବି ସମ୍ମାନ ଏବଂ ଅଧ୍ୟାପକ ହରପ୍ରିୟା ମିଶ୍ରଙ୍କୁ ବିଶେଶ୍ୱରୀ ସମ୍ମାନ ପ୍ରଦାନ କରାଯାଇଥିଲା । କନ୍ଧମାଳ ଜିଲ୍ଲାର ଏହି ପ୍ରତିଭୁ ମାନେ ପୁରୀର ସାହିତ୍ୟ ମଂଚରେ ସମ୍ମାନିତ ହେବା ଜିଲ୍ଲା ପାଇଁ ଗର୍ବର କଥା ।ଏହି ସଭାରେ ଓଡିଶାର ବିଭିନ୍ନ ସ୍ଥାନରୁ ବହୁ ସାହିତ୍ୟିକ, ସାହିତ୍ୟିକା ଉପସ୍ଥିତ ରହିଥିଲେ । ବାବା ସତ୍ୟାନନ୍ଦ ଦାସ ମହାରାଜ ଉଦଘାଟକ ଭାବେ ଯୋଗ ଦେଇଥିଲା ବେଳେ ଚକ୍ରଧର ମହାପାତ୍ର , ଡାକ୍ତର ବଲ୍ଲଭ କୁମାର ଜୟସିଂହ, ସାଧନା ପାତ୍ରୀ, ମୋହନ ମହାରଣା ପ୍ରଭୃତି ଯୋଗଦେଇଥିଲା ବେଳେ ଡାକ୍ତର ସୌମ୍ୟକାନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ ।

ବନ୍ଦର ନିଷିଦ୍ଧାଂଚଳ ମଧ୍ୟରେ ଜଳିଗଲା ହାଇଓ୍ୱା

ପାରାଦୀପ,(ପି.ଏନ): ବୁଧବାର ଦିନ ମଧ୍ୟାହ୍ନରେ ପାରାଦୀପ ବନ୍ଦର ନିଷିଦ୍ଧାଂଚଳ ମଧ୍ୟରେ ଏକ ହାଇଓ୍ୱା ଓଆର୍-୨୧-ବି-୦୦୨୪ ନମ୍ବର ବିଶିଷ୍ଟ ଯାଉଥିବା ବେଳେ ହଠାତ୍ ସେଥିରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ସିକ୍ୟୁ-୧ ନିକଟରେ ଗାଡିର ଚାଳକ ନିଆଁ ଲାଗି ଯାଇଥିବା ଦେଖି ଗାଡିରୁ ଓହ୍ଲାଇ ପଡିଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡର କାରଣ ଜଣା ପଡି ନଥିବା ବେଳେ ଗାଡିକୁ ଉଦ୍ଧାର କରିଛି ସିଆଇଏସଏଫର ଦମକଳ ବାହିନୀ । ଆଗକୁ ଏ ଦିଗରେ ଦୃଷ୍ଟି ନ ଦେଲେ ବଡ ଧରଣର ବିପଦକୁ ଏଡାଇ ଦିଆଯାଇ ନପାରେ ।

ଅଙ୍ଗାର ଗାଁରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ପଂଚାୟତ ଫାଟକରେ ତାଲା ପକାଇଲେ ମହିଳା ସଂଘର ସଦସ୍ୟା

ଗଂଜାମ,(ପି.ଏନ): ମହିଳା ମାନଙ୍କୁ ସଶକ୍ତିକରଣ ଏବଂ ସ୍ୱାବଲମ୍ବୀ କରିବା ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଉଥିବା ସହ ମିଶନ ଶକ୍ତି ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଏବଂ ବିଭିନ୍ନ ପଞ୍ଚାୟତରେ ମିଶନ୍ ଶକ୍ତି ଗୃହ ନିର୍ମାଣ କରିଥିବାର ନଜିର ଅଛି । ମିଶନ ଶକ୍ତି ଗୃହ ନିର୍ମାଣ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ପଂଚାୟତରେ ଏହାର କିନ୍ତୁ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଦୀର୍ଘ ଦିନ ହେଲାଣି ଅଙ୍ଗାରଗାଁ ପଂଚାୟତରେ ମିଶନ ଶକ୍ତିର ନିଜସ୍ୱ ଗୃହ ନାହିଁ । ଫଳରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠି ର ମହିଳା ମାନେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ଅସୁବିଧା ହେଉଥିବା ନେଇ ପ୍ରକାଶ କରିଛନ୍ତି । ଆଜି ମହିଳା ସଂଘର କିଛି ସଦସ୍ୟା ମିଶନ ଶକ୍ତି ଗୃହ ନିର୍ମାଣ ଦାବି ନେଇ ପଂଚାୟତ ଫାଟକରେ ତାଲା ପକାଇଥିବା ମହିଳା ସଂଘର ସଦସ୍ୟା ମାନେ ପ୍ରକାଶ କରିଛନ୍ତି । ଫଳରେ ବିଭିନ୍ନ କାର୍ଯ୍ୟ ପାଇଁ ପଞ୍ଚାୟତକୁ ଯାଇଥିବା ପଂଚାୟତ ବାସୀ ମାନେ ଦୀର୍ଘ ସମୟ ଧରି ବାହାରେ ଛିଡ଼ା ହୋଇଛନ୍ତି ।

ଆଚାର୍ଯ୍ୟ ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କଲେ ଶୁଭ୍ରାରାଣୀ ମଲ୍ଲିକ

ଭୁବନେଶ୍ୱର,(ପି.ଏନ): ଚନ୍ଦ୍ରଶେଖରପୁର ସ୍ଥିତ ଆଚାର୍ଯ୍ୟ ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଶୁଭ୍ରାରାଣୀ ମଲ୍ଲିକ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ନୂତନ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ପୂର୍ବରୁ ସେ ଇଂରାଜୀ ବିଭାଗର ମୁଖ୍ୟ ପ୍ରଧାପିକା ଭାବରେ କାର୍ଯ୍ୟରତ ଥିଲେ । ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଓ ଗୌରବ ବୃଦ୍ଧି ପାଇଁ ସମସ୍ତଙ୍କର ସାହାର୍ଯ୍ୟ ସହଯୋଗ ନେଇ ନିଷ୍ଠାପର ସହିତ କାର୍ଯ୍ୟ କରିବେ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି । ତାଙ୍କ ଯୋଗଦାନରେ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଖେଳି ଯାଇଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray